୬ ହାଇଦ୍ରାବାଦକୁ ୩୮ ରନରେ ହରାଇ ପ୍ଲେ-ଅଫରୁ ବିଦା କଲା ଗୁଜୁରାଟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ-୩୨ ● ସଂଖ୍ୟା-୯୪ ● ୩ ମଇ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-94 ● 3st May 2025, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଆତଙ୍କବାଦୀଙ୍କ ଅନୁପ୍ରବେଶ ଆଶଙ୍କା

# ଓଡ଼ିଶାର ୭ଜିଲ୍ଲାରେ ହାଇ ଆଲର୍ଟ ଜାରି



**ଭୁବନେଶ୍ୱର, ୨।୫**

**ନ୍ୟୁଜ ବ୍ୟୁରୋ**

ଜମ୍ମୁ କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ-ପାକ ମଧ୍ୟରେ ଯୁଦ୍ଧ ଆଶଙ୍କା ଘନୀଭୂତ ହେବାରେ ଲାଗିଛି । କେନ୍ଦ୍ର ସରକାରଙ୍କ ଗୃହମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ସତର୍କତା ଜାରି କରାଯାଇଛି। ଯେକୌଣସି ପରିସ୍ଥିତିରେ କିଛି ବି ହୋଇପାରେ । ବିଶେଷ କରି ଦେଶର ପୂର୍ବଉପକୂଳରେ ଥିବା ଓଡ଼ିଶା ଉପରେ ଆତଙ୍କବାଦୀଙ୍କର ନଜର ରହିଛି। କାରଣ ଓଡ଼ିଶା ଉପକୂଳରେ ସୁଦୀର୍ଘ ସମୁଦ୍ର ବେଳାଭୂମି ରହିଥିବାରୁ ଏହି ବାଟ ଦେଇ ଆତଙ୍କବାଦୀଙ୍କ ଅନୁପ୍ରବେଶ ହେବାର ଆଶଙ୍କା ରହିଥିବାରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ରାଜ୍ୟର ୭ଟି ସମ୍ବେଦନଶୀଳ ଅଞ୍ଚଳକୁ ଗୁଇନ୍ଦା ବିଭାଗ ଚିହ୍ନଟ କରିଛି । ଶତ୍ରୁର ନଜର ଏସବୁ ଅଞ୍ଚଳ ଉପରେ ପଡିଥିବାରୁ ଏହାକୁ ଦୃଢଭାବେ ପ୍ରତିହତ କରିବା ପାଇଁ ଏସବୁ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ହଠାତ ବଢାଇ ଦିଆଯାଇଛି।

ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ଯୋଗୁଁ ରାଜ୍ୟ ସରକାର ଓ ପୋଲିସ ହାଇ ଆଲର୍ଟ ଜାରି କରିଛନ୍ତି। ରାଜ୍ୟର ୭ଟି ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରାଯାଇ ସେଠାରେ କଡ଼ା ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶା ସୀମାନ୍ତ ଜଳପଥ ସମେତ ଅନ୍ୟ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ପୋଲିସ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀ ପକ୍ଷରୁ କଡ଼ା ପ୍ରହରା ବ୍ୟବସ୍ଥା ଆରମ୍ଭ କରାଯାଇଛି।

ସୂଚନା ଅନୁସାରେ ଓଡ଼ିଶା ଉପକୂଳ ଜିଲ୍ଲା ବିଶେଷ କରି ପୁରୀ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଜଗତସିଂହପୁର, ଗଞ୍ଜାମ ଏବଂ ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଏହି ଅଞ୍ଚଳଗୁଡିକର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ସୀମାନ୍ତ ଅଞ୍ଚଳରେ ଥିବା ଜଳପଥ ଓ ସ୍ଥଳପଥରେ ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖାଯାଉଛି। ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ସୁରକ୍ଷା ବାହିନୀ ପାଟ୍ରୋଲିଂ ବୃଦ୍ଧି କରିଛି। ଏହି ଉତ୍ତେଜନାର ମୁଖ୍ୟ କାରଣ ହେଉଛି ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଆଶଙ୍କା ଏବଂ ଅନୁପ୍ରବେଶର ସମ୍ଭାବନା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ପୋଲିସ ଅଧିକାରୀମାନେ ଜଣାଇଛନ୍ତି ଯେ, ସମ୍ବେଦନଶୀଳ ଅଞ୍ଚଳରେ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଏହା ପୂର୍ବରୁ ମଧ୍ୟ ଓ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ଦେଖାଦେଇଥିଲା। ୨୦୨୩ରେ ଭୁବନେଶ୍ୱରର ଏକ ହୋଟେଲରୁ ଚାରି ଜଣ ସନ୍ଦିଗ୍ଧ ବ୍ୟକ୍ତି ପରିଚୟ ପ୍ରମାଣ ନ *(ପୃଷ୍ଠା ୭ରେ)*

## ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷା ଫଳ

# ପାସ୍ ହାର ୯୪.୯୩ %




**ଭୁବନେଶ୍ୱର, ୦୨/୦୫**

**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ରାଜ୍ୟରେ ଚଳିତ ବର୍ଷ ୫ ଲକ୍ଷ ୨ ହଜାର ୪୧୭ ଜଣ ନିୟମିତ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୮୪ ହଜାର ୮୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତଥର ପାସ୍ ହାର ୯୪.୯୩ % ରହିଛି । ସେହିପରି ଛାତ୍ରଙ୍କ ପାସ୍ ହାର ୯୪ % ଥିବାବେଳେ ଛାତ୍ରୀଙ୍କ ପାସ୍ ହାର ୯୬ % ରହିଛି । ଚଳିତ ବର୍ଷ ଛାତ୍ରଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ଛାତ୍ରୀ । ତେବେ କୌଣସି ସ୍କୁଲରେ ପରୀକ୍ଷା ଫଳ ଶୂନ ନାହିଁ । ରାଜ୍ୟର ୩୨୭୩ ସ୍କୁଲରେ ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି। କଟକ ବୋର୍ଡ ଅଫିସର କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ, ଉପସାଭପତି ନିହାର ରଞ୍ଜନ ମହାନ୍ତି ଓ ସମ୍ପାଦକ ମଞ୍ଜୁଲତା ମଲ୍ଲିକ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ।

ଚଳିତବର୍ଷ ରେଗୁଲାରରେ ୫ଲକ୍ଷ ୧୦ ହଜାର ୭୭୯ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୫ ଲକ୍ଷ ୨ ହଜାର ୪୧୭ ଜଣ ରେଗୁଲାର୍ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪ ଲକ୍ଷ ୮୪ ହଜାର ୮୬୩ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ୨ ଲକ୍ଷ ୪୦ ହଜାର ୨୫୧ ଜଣ ଛାତ୍ର ପାସ୍ ହୋଇଥିବା ବେଳେ ୨ ଲକ୍ଷ ୪୪ ହଜାର ୬୧୨ ଜଣ ଛାତ୍ରୀ ପାସ୍ କରିଛନ୍ତି। ଏଥିରେ ଏ-୧ ଗ୍ରେଡ୍‌ରେ ୧୮୧୨, ଏ-୨ ଗ୍ରେଡ୍‌ରେ ୧୨,୨୦୦ , ବି-୧ ଗ୍ରେଡ୍ ରେ ୩୮, ୮୩୧ ଜଣ, ବି-୨ *(ପୃଷ୍ଠା ୭ରେ)*

### ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୦୨ /୦୫**

**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ 'ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା'ରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଏହା ସହ ମଧ୍ୟମା ଓ ଏସଓଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଆଶାଜନକ ଫଳାଫଳ ପାଇନଥିବା ପିଲାମାନଙ୍କୁ ନିରୁତ୍ସାହିତ ନହୋଇ ଫଳାଫଳ ନିର୍ବିଶେଷରେ ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ସହ ଅଧ୍ୟବସାୟ ଜାରିରଖିବା ପାଇଁ ଉପଦେଶ ଦେବା ସହ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ସଫଳତା କାମନା କରିଛନ୍ତି।

### ୧୦ରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହା

**ଭୁବନେଶ୍ୱର, ୦୨/୫**

**ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୦ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା। ଅମିତ ଶାହାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଆସନ୍ତା ମଇ ୧୦ ତାରିଖରେ ଅମିତ୍ ଶାହା ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ଜଟଣୀ ଯାଇ ଫରେନସିକ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ। ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ଏବଂ ରାତ୍ରଯାପନ କରିବେ। ଏହା ପର ଦିନ ଅର୍ଥାତ୍ ୧୧ ତାରିଖରେ ସେ ସମ୍ବଲପୁର ଯାଇ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ କିଛି ପ୍ରକଳ୍ପର ଶିଳାନ୍ୟାସ କରିବେ। ପରେ ଭୁବନେଶ୍ୱର ଆସି ଜନତା ମୈଦାନରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏହାରି ଭିତରେ ଶାହା ରାଜ୍ୟର କିଛି ନେତୃବୃନ୍ଦଙ୍କ ସହ ଆଲୋଚନା କରି ପାରନ୍ତି। ଶାହାଙ୍କ ଗସ୍ତ ସଫଳ କରିବାକୁ ଶୁକ୍ରବାର ବିଜେପି କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ରାଜ୍ୟ ସଭାପତି, ପ୍ରଭାରୀ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ବସି ଆଲୋଚନା କରିଛନ୍ତି ବୋଲି କହିଛନ୍ତି ଶ୍ରୀ ସାମଲ।

# କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଚାରୋଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର, ୦୨/୦୫**

**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚାରୋଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ନିଗମ ଗୁଡିକ ହେଲା ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ , ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ ।

ବିଗତ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍ ଅଧ୍ୟକ୍ଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି କହିଥିଲେ ଯେ, ଅନୁବନ୍ଧିତ ସମସ୍ତ ନିଗମ ଗୁଡିକ ଉତ୍ସାହଜନକ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରଗତିର ଏହି କାର୍ଯ୍ୟଧାରା ଆଗକୁ ଜାରି ରହୁ । ଗତ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ବିଭାଗ ଭାବେ ଅନୁମୋଦିତ ବଜେଟର ୯୪.୭ ପ୍ରତିଶତ ଖର୍ଚ୍ଚ କରିପାରିଛି । କୃଷକଙ୍କ ଉନ୍ନତି ଓ ପ୍ରଗତି ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।

ଓଡ଼ିଶା କୃଷି ଶିଳ୍ପ ନିଗମ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୪୫,୦୦୦ ଟନ୍ ସାର, ୨୦ କୋଟି ଟଙ୍କାର ଜୈବିକ ସାର ଓ କୀଟନାଶକ, ୭୦୦୦ ଟ୍ରାକ୍ଟର, ୧୦୦୦ ପାୱାର ଟିଲର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ୫୨୦୦ ବିଦ୍ୟୁତ ଚାଳିତ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ, ୪୮୦୦ ସୌରଚାଳିତ ଜଳନିଧି ପ୍ରକଳ୍ପ, ୧୦୦୦ ଅଗଭୀର ନଳକୂପ ପ୍ରକଳ୍ପ ଏବଂ ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ବର୍ଷ ୩୦ କୋଟି ଟଙ୍କା କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖିଛି । ସମୁଦାୟ ୧୦୦୦ କୋଟି ଟଙ୍କାର କାରବାର କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ସେହିଭଳି ଓଡ଼ିଶା ରାଜ୍ୟ *(ପୃଷ୍ଠା ୭ରେ)*

# ବରିଷ୍ଠ ନାଗରିକ ଭବିଷ୍ୟତ ପାଇଁ ମାର୍ଗଦର୍ଶକ

**ନୂଆଦିଲ୍ଲୀ, ୨/୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର କହିଛନ୍ତି ଯେ, ବରିଷ୍ଠ ନାଗରିକ ଅତୀତ ସହିତ ଯୋଡି ହେବାର କଡି ହୋଇଥାନ୍ତି ଏବଂ ଭବିଷ୍ୟତର ମାର୍ଗଦର୍ଶକ ବି ହୋଇଥାନ୍ତି । ଆମେ ସେମାନଙ୍କ ମାର୍ଗଦର୍ଶନକୁ ଗୁରୁତ୍ୱ ଦେବା ଉଚିତ ଏବଂ ସେମାନଙ୍କ ମୂଲ୍ୟବାନ ସଙ୍ଗତିର ଆନନ୍ଦ ହେବା ଆବଶ୍ୟକ ।

ରାଷ୍ଟ୍ରପତି ମୁର୍ମୁ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ପଦକ୍ଷେପ 'ଏଜିଂଗ ୱିଦ ଡିଗନିଟି' ନାମକ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି । କେନ୍ଦ୍ରିୟ ସାମରିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ କଲ୍ୟାଣ ପୋର୍ଟାଲର ଶୁଭାରମ୍ଭ, ବରିଷ୍ଠ ନାଗରିକ ଗୃହର ଭିସି ଉଦ୍‌ଘାଟନ, ସହାୟକ ଉପକରଣର ବିତରଣ ସହିତ ସାମାଜିକ ନ୍ୟାୟ ଏବଂ ଅଧିକାରିତା ବିଭାଗ ତଥା ବ୍ରହ୍ମାକୁମାରୀ ସଙ୍ଗଠନ ମଧ୍ୟରେ ବୁଝାମଣା ଜ୍ଞାପନରେ ସ୍ୱାକ୍ଷରିତ ହୋଇଛି । ବରିଷ୍ଠ ନାଗରିକ କଲ୍ୟାଣ ପୋର୍ଟାଲ ବରିଷ୍ଠ ନାଗରିକଙ୍କ ପାଇଁ ୱେନ ଷ୍ଟେପ ଡିଜିଟାଲ ପ୍ଲାଟଫର୍ମ ଭାବେ କାମ କରିବ । ସେହିପରି ଭାରତର ରାଷ୍ଟ୍ରପତି ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ 'ମର୍ଯ୍ୟାଦା ସହିତ ବୟସ୍କ ହେବା' ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ବୟସ୍କ ଲୋକମାନେ ଅତୀତର ସଂଯୋଗ ଏବଂ ଭବିଷ୍ୟତ ପାଇଁ ମଧ୍ୟ ମାର୍ଗଦର୍ଶକ, ଆମେ ସେମାନଙ୍କ ମାର୍ଗଦର୍ଶନକୁ ମୂଲ୍ୟ ଦେବା ଉଚିତ ଏବଂ ସେମାନଙ୍କ ମୂଲ୍ୟବାନ କମ୍ପାନୀକୁ ଉପଭୋଗ କରିବା ଉଚିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ।



### ପାକିସ୍ତାନ ଗୁପ୍ତଚର ଗିରଫ

**ନୂଆଦିଲ୍ଲୀ, ୨/୫**

ରାଜସ୍ଥାନର ଜୈସେଲମେର ଅଞ୍ଚଳରୁ ଜଣେ ପାକିସ୍ତାନ ଗୁପ୍ତଚରକୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଉଛି ପଠାନ ଖାନ୍। ସେ ରାଜସ୍ଥାନର ନାଗରିକ ହୋଇଥିବା ସେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ ଇଣ୍ଟେଲିଜେନ୍ସ *(ପୃଷ୍ଠା ୭ରେ)*

# ୩,୮୯୮.୫୪ କୋଟିର ନିବେଶକୁ ଏସ୍.ଡବ୍ଲୁ.ସି.ଏ.ର ମଞ୍ଜୁରୀ



**ଭୁବନେଶ୍ୱର, ୨/୫**

**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ୧୩୬ତମ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୩୮୯୮.୫୪ କୋଟି ଟଙ୍କାର ୧୯ଟି ନିବେଶପ୍ରକଳ୍ପକୁ ଅନୁମୋଦନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଜାରି ରଖିଛନ୍ତି। ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନୁମୋଦନ ହୋଇଥିବା ପ୍ରସ୍ତାବ ଗୁଡ଼ିକରେ ରାଜ୍ୟରେ ୭,୪୬୪ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ବୋଲି ଆଶା କରାଯାଉଛି।

ଏହି ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବ ଗୁଡ଼ିକ ଇସ୍ପାତ, *(ପୃଷ୍ଠା ୭ରେ)*

### ଓୱେସୀଙ୍କ ହୁଙ୍କାର: ଏଥର କେବଳ ପାକିସ୍ତାନରେ ପଶି ମାରନି, କବ୍‌ଜା କର



**ନୂଆଦିଲ୍ଲୀ, ୨/୪**

ପହଲଗାମ ଆକ୍ରମଣକୁ ନେଇ ଏଆଇଏମଆଇଏମ ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଉଦ୍ଦିନ ପାକିସ୍ତାନ ସେନାକୁ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ସେ ପାକିସ୍ତାନର ତୁଳନା ଆତଙ୍କବାଦୀ ସଂଗଠନ ଇସଲାମିକ ଷ୍ଟେଟ(ଆଇଏସ) ସହିତ କରିଛନ୍ତି। ବର୍ତ୍ତମାନ ପାକ୍ ସେନା ମୁଖ୍ୟ ଅସିମ ମୁନିରଙ୍କୁ ବି ସେ ତୀବ୍ର ସମାଲୋଚନା କରିଛନ୍ତି। ଓୱେସୀ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ନିକଟରେ ଦାବି କରିଛନ୍ତି ଯେ, ପାକିସ୍ତାନ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ୨୦୧୯ *(ପୃଷ୍ଠା ୭ରେ)*

### ବରିଷ୍ଠ ଆଇପିଏସ୍ ସ୍ତରରେ ନୂଆ ନିଯୁକ୍ତି

**ଭୁବନେଶ୍ୱର, ୨/୫**

**ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଆଇପିଏସ୍ ସ୍ତରରେ ରାଜ୍ୟସରକାର ନୂଆ ନିଯୁକ୍ତି ଦେଇଛନ୍ତି । ସୁଶାନ୍ତ କୁମାର ନାଥଙ୍କୁ ନୂଆ ଜେଲ୍ ଡିଜି ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ଡେପୁଟେସନରୁ ଫେରିଥିବା ଶ୍ରୀ ନାଥଙ୍କୁ ଜେଲ୍ ଡିଜିଭାବେ ନୂଆ ନିଯୁକ୍ତି ଦିଆଯାଇଛି। ସେହିଭଳି ବରିଷ୍ଠ ଆଇପିଏସ୍ ଅଫିସର ଦୟାଲ ଗଙ୍ଗୱାର କମ୍ୟୁନିକେସନ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଜଗନ୍ନାଥ ଗୋଟିଏ ଦିଦି
କୁଆଡୁ ଆଣିଲ ଦି'ଟା
ଦାରୁ ଚୋରି କରି କରିଛ ଜାଣିଛୁ
ପୁଣି ପଥରେ ପ୍ରତିମା ତିନିଟା
ମନେ ମନେ ଯଦି ସିଂହିଟା
ଅନ୍ୟାୟ ସବୁ କରୁଛ କେମିତି
ନେବ ଦିନେ ପକ୍କା ନାମଟା !

# ଜାତିଭିତ୍ତିକ ଜନଗଣନା: ବିରୋଧୀଙ୍କୁ ବିଜେପିର ମାଷ୍ଟରଷ୍ଟ୍ରୋକ୍



**ନୂଆଦିଲ୍ଲୀ, ୦୨/୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଜାତିଭିତ୍ତିକ ଜନଗଣନା ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତିକୁ ମୋଦୀଙ୍କ ମାଷ୍ଟରଷ୍ଟ୍ରୋକ ଭାବେ ବିବେଚନା କରାଯାଉଛି। ଜାତିଭିତ୍ତିକ ଜନଗଣନା ଦେଶର ରାଜନୀତିକୁ ନୂତନ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। ଏହି ନିଷ୍ପତ୍ତି ପରେ ଉତ୍ତରପ୍ରଦେଶରେ ରାଜନୈତିକ ଦୃଶ୍ୟପଟ୍ଟ ପରିବର୍ତ୍ତନ ହେବା ଆରମ୍ଭ କରିଛି । ବିଶେଷ କରି ସମାଜବାଦୀ ପାର୍ଟି ଏବଂ କଂଗ୍ରେସକୁ କୌଣସି ପ୍ରସଙ୍ଗ ବିହିନ କରିଛି ବିଜେପି । ବିଜେପିର ଏହି ପଦକ୍ଷେପ ରାଜ୍ୟର ଜାତି ଗତିଶୀଳତା, ନିର୍ବାଚନୀ ରଣନୀତି ଏବଂ ସାମାଜିକ ନ୍ୟାୟର ରାଜନୀତି ଉପରେ ପ୍ରଭାବ ପକାଇପାରେ । ସେପଟେ ଏହି ନିଷ୍ପତ୍ତି ପରେ ଉପୁଜିଥିବା ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ବିଜେପି ମଧ୍ୟ ପ୍ରସ୍ତୁତ ରହିଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ନିଷ୍ପତ୍ତିକୁ ଭାରତୀୟ ରାଜନୀତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି କହିଛନ୍ତି । ସେ କହିଛନ୍ତି 'ଜାତିଭିତ୍ତିକ ଜନଗଣନା କେବଳ ସାମାଜିକ ଏବଂ ଅର୍ଥନୈତିକ ନୀତିଗୁଡ଼ିକୁ ଗଠନ କରିବ ନାହିଁ ବରଂ ଏହାର ପ୍ରଭାବ ଉତ୍ତର ପ୍ରଦେଶରେ ଗଭୀର ଭାବରେ ଅନୁଭୂତ ହେବ । *(ପୃଷ୍ଠା ୭ରେ)*

### ସରକାରର ବର୍ଷପୂର୍ତ୍ତି ଉତ୍ସବ ପାଳନ ପାଇଁ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୦୨/୦୫**

**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧିନ ରାଜ୍ୟ ବିଜେପି ସରକାରଙ୍କ ଶାସନର ଏକ ବର୍ଷପୂର୍ତ୍ତି ଅବସରକୁ ପାଳନ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଶ୍ରୀମତୀ ପାଢ଼ୀ ରାଜ୍ୟରେ ନୂତନ ସରକାରଙ୍କ ଏକ ବର୍ଷ ଶାସନପୂର୍ତ୍ତି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅର୍ନ୍ତଭୁକ୍ତି ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଆବଶ୍ୟକତା ଉପରେ ଜୋର ଦେଇଥିଲେ। ରାଜ୍ୟ ସରକାରଙ୍କ ଏକ ବର୍ଷର ସଫଳତା ବିବରଣୀ ଏହି ଅବସରରେ ରାଜ୍ୟବାସୀଙ୍କ ସମ୍ମୁଖରେ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କ ସହ ସମ୍ପର୍କ ରକ୍ଷା କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ୧୧୫ ଅର୍ବନ୍ ଲୋକାଲ ବଡି (ୟୁଏଲବି), ଆରଟିଓ ଅଞ୍ଚଳ ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା, ପ୍ରଦର୍ଶନୀ ଓ ମଲ୍ଟିମିଡିଆ ଅଭିଯାନ ମାଧ୍ୟମରେ ସଫଳ କାହାଣୀ ଓ ନବଚେତନାତ୍ମକ ପ୍ରୟାସଗୁଡ଼ିକୁ ପ୍ରଦର୍ଶନ କରାଇବା, କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ଲୋକାର୍ପଣ ଓ ଶିଳାନ୍ୟାସ, ଭିଜୁଆଲ୍ ଓ ଡକ୍ୟୁମେଣ୍ଟେସନ୍ ପ୍ରସ୍ତୁତି ସହିତ ବିଭାଗୀୟ ସଫଳତା ବିବରଣୀ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୩ ମଇ ୨୦୨୫ ଶନିବାର





## ୮ ମାସରେ ରାଜ୍ୟରେ ୨୦ ହଜାର ଶିଶୁ ନିଖୋଜ

# ଯୌନ, ଅର୍ଥଲାଳସା ବଢ଼ାଉଛି ଶିଶୁ ଅପହରଣ ମାମଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ପ୍ରତି ରାଜ୍ୟରେ ବେଶ୍ ଦ୍ରୁତବେଗରେ ବଢ଼ି ଚାଲିଛି ଶିଶୁ ନିଖୋଜ ତଥା ଅପହରଣ ମାମଲା। ପ୍ରତିଦିନ ରାଜ୍ୟର କେଉଁଠୁ ନା କେଉଁଠୁ ଏଭଳି ଘଟଣାକୁ ନେଇ ଲୋମଟାଙ୍କୁରା ଖବର ଆସୁଛି। କେଉଁଠି ଅର୍ଥଲାଳସାରେ ଶିଶୁ ଅପହରଣ କରାଯାଉଛି ତ କେଉଁଠି ଯୌନପିପାସା ମେଣ୍ଟାଇବା ଉଦ୍ଦେଶ୍ୟରେ ଏଭଳି ଅଭାବନୀୟ ଘଟଣା ଘଟୁଛି। ଉଦ୍‌ବେଗର କଥା ହେଉଛି ଅଧିକାଂଶ କ୍ଷେତ୍ରରେ ଅପହୃତ ଶିଶୁଙ୍କୁ ନୃଶଂସ ଭାବେ ହତ୍ୟା କରି ଫିଙ୍ଗି ଦିଆଯାଉଛି। ବିଶେଷକରି ଯୁବପିଢ଼ିଙ୍କ ଭିତରେ ଏଭଳି କୁତ୍ସିତ ଚିନ୍ତାଧାରା ବୃଦ୍ଧିକୁ ନେଇ ସବୁ ମହଲରେ ଚିନ୍ତା ପ୍ରକାଶ ପାଇଲାଣି। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ତଥ୍ୟ ଅନୁସାରେ ୮ ମାସରେ ରାଜ୍ୟରେ ୨୦ ହଜାର ଶିଶୁ ନିଖୋଜ ମାମଲା ହୋଇଛି। ୨୦୨୪ ଜୁନ୍‌ରୁ ୨୦୨୫ ଫେବ୍ରୁଆରି ୨୮ ମଧ୍ୟରେ ଏହିସବୁ ମାମଲା ରୁଜୁ ହୋଇଛି। ୨୦୨୦ ମସିହାରେ ୩୯୧୫ ଶିଶୁଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ୨୦୨୧ରେ ଏଭଳି ମାମଲା ସଂଖ୍ୟା ବଢ଼ିବଢ଼ି ୫୯୧୨ ଛୁଇଁଥିଲା। ଏବେ ଓଡ଼ିଶାରେ ଏଭଳି ଘଟଣାମାନ ବହୁ ପରିମାଣରେ ଦେଖିବାକୁ ମିଳୁଛି। ରାଜଧାନୀ ସମେତ ଢେଙ୍କାନାଳରୁ ଗଞ୍ଜାମ ପର୍ଯ୍ୟନ୍ତ ଚଳିତ ଏପ୍ରିଲ୍ ମାସରେ ଯେତିକି ଅଘଟଣ ଘଟିଲାଣି, ତାହା ଏକ ରେକର୍ଡ ବୋଲି ଚର୍ଚ୍ଚା ହେଉଛି। ଏପ୍ରିଲ୍ ୧୩ ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱର ରାମମନ୍ଦିର ସମ୍ମୁଖରେ ଶୋଇଥିବା ଜଣେ ଦୃଷ୍ଟିବାଧିତ ମା' କୋଳରୁ ଦେଢ଼ ବର୍ଷର ପୁଅକୁ ଜଣେ ଦୁର୍ବୃତ୍ତ ଉଠାଇ ନେଇଥିଲା। ସେତେବେଳେ ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଥିଲା। କିନ୍ତୁ କମିସନରେଟ୍ ପୁଲିସ ଏହି ଛୁଆଚୋରି ମାମଲାରେ ଖୁବ୍‌ଶୀଘ୍ର ସଫଳତା ପାଇଥିଲା। ଅପହର୍ତ୍ତାଙ୍କୁ ଗିରଫ କରାଯିବା ସହ ଅପହୃତ ଶିଶୁକୁ ବାଲେଶ୍ୱରରୁ ଉଦ୍ଧାର କରାଯାଇଥିଲା। ପୁଲିସର ସଫଳତା କିନ୍ତୁ ବେଶି ଦିନ ଚର୍ଚ୍ଚାରେ ରହି ନଥିଲା। ଏପ୍ରିଲ ୧୫ରେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ରତନପୁର ଗାଁରେ ଘଟିଥିଲା ଆଉ ଏକ ନାବାଳକ ନିଖୋଜ ମାମଲା। ପ୍ରାୟ ୫ଦିନ ପରେ ନାବାଳକର ମୃତଦେହ ସେହି ଗାଁର ଜଣକ ପାଇଖାନା ଟାଙ୍କିରୁ ମିଳିଥିଲା। ସମ୍ପର୍କୀୟ ଦାଦା ତା'ର ଯୌନପିପାସା ମେଣ୍ଟାଇବା ପରେ ନାବାଳକକୁ ମାରି ପାଇଖାନା ଟାଙ୍କିରେ ପୂରାଇ ଦେଇଥିଲା। ଏହି ଅଭାବନୀୟ ଘଟଣା ମଧ୍ୟ ସମଗ୍ର ରାଜ୍ୟରେ ହଇଚଇ ଖେଳାଇଦେଇଥିଲା। ମାମଲା ଏତିକିରେ ସରି ନଥିଲା। ଏପ୍ରିଲ ୧୮ ତାରିଖ ସକାଳୁ ସକାଳୁ ପୁଣି ଏକ ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଲା। ସ୍କୁଲ୍‌ରୁ ଫେରୁଥିବା ତୃତୀୟ ଶ୍ରେଣୀର ଛାତ୍ରଙ୍କୁ ରାଜଧାନୀ ଉପକଣ୍ଠ ପାଞ୍ଚଗାଁରୁ ଦୁର୍ବୃତ୍ତମାନେ କାରରେ ଉଠାଇନେଲେ। ନାବାଳକଙ୍କ ମୁଣ୍ଡଜାମିନ ରଖି ୨୦ ଲକ୍ଷ ଟଙ୍କା ମାଗିଥିଲେ। କାରଣ ସେମାନେ ଜାଣିଥିଲେ ଯେ ନାବାଳକର ବାପା ଜମି ବିକି ୫୦ ଲକ୍ଷ ଟଙ୍କା ପାଇଥିଲେ। କିନ୍ତୁ ପୁଲିସ ଏହି ମାମଲାରେ ଘଟଣାଦିନ ହିଁ ଅପହର୍ତ୍ତାମାନଙ୍କୁ ଗିରଫ କରିବା ସହ ନାବାଳକକୁ ଉଦ୍ଧାର କରିପାରିଥିଲା। ଉଲ୍ଲେଖନୀୟ କଥା ହେଉଛି ଏହି ମାମଲାର ମାଷ୍ଟରମାଇଣ୍ଡ ଥିଲା ଅପହୃତ ନାବାଳକର ଟ୍ୟୁସନ୍ ଶିକ୍ଷକ। ସେହିଭଳି ଏସବୁ ମାମଲା ଭିତରେ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଆସିଥିଲା ଆଉ ଏକ ନାବାଳକ ନିଖୋଜ ମାମଲା। ଏହା ଆଜି ବି ଅସମାହିତ ହୋଇରହିଛି।

# ସନ୍ଦେହରେ ଆଉଟ୍‌ସୋର୍ସିଂ ନିଯୁକ୍ତି : ୩ ବର୍ଷରେ ବଢ଼ିଛନ୍ତି ୫୦ ପ୍ରତିଶତରୁ ଅଧିକ

## ୨୦୨୨ରେ ଥିଲେ ୩୪୨ : ଏବେ ୬୭୮

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ମହାନଗର ନିଗମରେ ଦିନକୁ ଦିନ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଖ୍ୟା ବଢ଼ିବାରେ ଲାଗିଛି। ବିଗତ ୩ ବର୍ଷ ଭିତରେ ୩୩୬ଜଣ ଅଧିକ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବାପେକ୍ଷା ୫୦ ପ୍ରତିଶତରୁ ଅଧିକ କର୍ମଚାରୀ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ନିଯୁକ୍ତି ପାଇଛନ୍ତି। ଏତେ ସଂଖ୍ୟାରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତିକୁ ନେଇ କର୍ପୋରେଟରମାନେ ସନ୍ଦେହ ପ୍ରକଟ କରିଛନ୍ତି। କେଉଁ ଆଧାରରେ ଓ କାହା ଅନୁମତିରେ ଏତେ ସଂଖ୍ୟାରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତି ପାଇଛନ୍ତି, ତାହା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ୨୦୨୨ ମସିହା ଜୁନ୍ ୪ ତାରିଖ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମରେ ୩୪୨ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଥିଲାବେଳେ ଏବେ ୬୭୮ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ଏତେ ସଂଖ୍ୟାରେ ଆଉଟ୍‌ସୋର୍ସିଂ ନିଯୁକ୍ତି ଉପରେ ସନ୍ଦେହ ପ୍ରକଟ କରିଛନ୍ତି ବିଏମ୍‌ସି ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ୩୧ ନମ୍ବର ୱାର୍ଡର କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର। ତାଙ୍କ ପାଖରେ ଯେଉଁ ତଥ୍ୟ ରହିଛି ଓ ବିଏମ୍‌ସି ଯେଉଁ ତଥ୍ୟ ଦେଉଛି, ସେଥିରେ ତାଳମେଳ ରହୁନଥିବା ସେ ଅଭିଯୋଗ କରିଛନ୍ତି। ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ତାଙ୍କ ପାଖରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତି ସଂଖ୍ୟାଠାରୁ ବିଏମ୍‌ସି ଦର୍ଶାଉଥିବା ତଥ୍ୟ ବହୁ ଅଧିକ ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଜାଣତରେ କେବେ ଓ କିଏ, ଏହି ନିଯୁକ୍ତି ଦେଲା, ତା' ଉପରେ ସେ ସନ୍ଦେହ ପ୍ରକଟ କରିଛନ୍ତି। ବିଏମ୍‌ସି ତଥ୍ୟ ଅନୁଯାୟୀ, ୨୦୨୨ ଜୁନ୍ ୪ ତାରିଖ ପୂର୍ବରୁ ବିଏମ୍‌ସିର ପରିବେଶ ଉପବିଭାଗରେ ୮ଜଣ, ଡ୍ରେନେଜ୍‌ରେ ୧୦ଜଣ, ଏଷ୍ଟାବ୍ଲିସ୍‌ମେଣ୍ଟ୍‌ରେ ୧୨୪ଜଣ(ସୁରକ୍ଷା କର୍ମଚାରୀ), ଆଇଟିରେ ୩ଜଣ(କମିସନରଙ୍କ ଅନୁମୋଦନକ୍ରମେ), ସିଏମ୍‌ଏମ୍‌ଓରେ ୮୨ଜଣ, ପରିମଳରେ ୨୦ଜଣ ପରିମଳ ଇନ୍ସପେକ୍ଟର, ୫୨ଜଣ ଏସ୍‌ଏମ୍‌ଟିଏ, ୧୯ଜଣ ଏକ୍ସପର୍ଟ ଓ ଏସ୍‌ବିଏ ସେଲ୍ ଷ୍ଟାଫ୍, ୪ଜଣ ଏସ୍‌ଡବ୍ଲ୍ୟୁଏମ୍‌ପିଏମ୍‌ୟୁ, ୧୦ଜଣ ଜେନେରାଲ୍ ଓ ଏମ୍‌ୟୁ କର୍ମଚାରୀ, ୧୦ଜଣ ଇଲେକ୍ଟ୍ରିସିଆନ୍ ଆଉଟ୍‌ସୋର୍ସିଂରେ ନିଯୁକ୍ତ ହୋଇଥିଲେ। ବର୍ତ୍ତମାନ ପରିବେଶ ଉପବିଭାଗରେ ୭ଜଣ, ଡ୍ରେନେଜ୍‌ରେ ୯ଜଣ, ଅର୍ଥ ବିଭାଗରେ ୭ଜଣ, ଏଷ୍ଟାବ୍ଲିସ୍‌ମେଣ୍ଟ୍‌ରେ ୩୨୦ଜଣ, ଆଇଟିରେ ୩୪ଜଣ(ଡିଇଓ), ସିଏମ୍‌ଏମ୍‌ଓରେ ୬୦ଜଣ, ଓଡିଏ କୋର୍ଟରେ ୩ଜଣ ଅମିନ, ପରିମଳରେ ୬୪ଜଣ ପରିମଳ ଇନ୍ସପେକ୍ଟର, ୬୬ଜଣ ଏସ୍‌ଏମ୍‌ଟିଏ, ୩୬ଜଣ ଏସ୍‌ବିଏ ସେଲ୍ ଓ ଏକ୍ସପର୍ଟ ଷ୍ଟାଫ୍, ୪ଜଣ ଏସ୍‌ଡବ୍ଲ୍ୟୁଏମ୍‌ପିଏମ୍‌ୟୁ (କଠିନ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟ୍), ୧୪ଜଣ ଜେନେରାଲ୍ ଓ ଏମ୍‌ୟୁ ଷ୍ଟାଫ୍, ୩ଜଣ ଅପରେଟର ଓ ଆସିଷ୍ଟାଣ୍ଟ ଅପରେଟର, ଏନ୍‌ଫୋର୍ସମେଣ୍ଟ୍‌ରେ ୪୧ଜଣ ଅବସରପ୍ରାପ୍ତ ସେନା ଅଧିକାରୀ, ଇଲେକ୍ଟ୍ରିରେ ୧୦ଜଣ ଇଲେକ୍ଟ୍ରିସିଆନ୍‌ଙ୍କୁ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ନିଯୁକ୍ତି ଦିଆଯାଇଛି। ଯେଉଁଥିରୁ ଅଧିକାଂଶ ନିଯୁକ୍ତି ମେୟର, କମିସନର, କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି, ଟେଣ୍ଡର କମିଟି ଅନୁମୋଦନକ୍ରମେ ହୋଇଛି। ଏ ସଂପର୍କରେ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ମହାପାତ୍ର କହିଛନ୍ତି, ଯାହା ବି ନିଯୁକ୍ତି ହେବ, ଅଧ୍ୟକ୍ଷ ଭାବେ ତାଙ୍କ ଜାଣତରେ ହେବ। ତାଙ୍କ ଅଜାଣତରେ କିଛି ହୋଇପାରିବନି। ସ୍ୱାସ୍ଥ୍ୟାବସ୍ଥା ଖରାପ କାରଣରୁ ଗତକାଲିର ମାସିକ ସମୀକ୍ଷା ବୈଠକରେ ଯୋଗ ଦେଇ ପାରିନି କି ଏହି ସମସ୍ୟା ଉପରେ ମତ ଉପସ୍ଥାପନ କରିପାରିନି। ଆସନ୍ତା ମାସିକ ବୈଠକରେ ନିଶ୍ଚିତ ଏହି ପ୍ରସଙ୍ଗ ଉଠାଇବି ଓ ଜବାବ ମାଗିବି ବୋଲି ସେ କହିଛନ୍ତି।

## ଭୁବନେଶ୍ୱରରେ ରୋଜଗାର ମେଳା ଆୟୋଜିତ

# ୨୫୮ ଜଣ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ବାଣ୍ଟିଲେ କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଯୋଜନାର ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଏହିକ୍ରମରେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଏକ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ହର୍ଷ ମାଲହୋତ୍ରା ୨୫୮ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ହସ୍ତାନ୍ତର କରିଛନ୍ତି। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମାଲହୋତ୍ରା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକ୍ରମେ ୨୦୨୨ ଠାରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇସାରିଛି । ଆଜି ପଂଚଦଶ ରୋଜଗାର ମେଳା ଆୟୋଜନ କରାଯାଉଛି । ସେ ଆହୁରି କହିଥିଲେ, ମୋଦୀଜୀଙ୍କ ସୁଶାସନ ଏବଂ ଦୂରଦୃଷ୍ଟି କାରଣରୁ ପୂର୍ବ ସରକାରଙ୍କ ତୁଳନାରେ ବର୍ତ୍ତମାନର ସରକାର ଦେଢ଼ଗୁଣ ଅଧିକ ନିଯୁକ୍ତି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାରୀ ନୀତିରେ ପାରଦର୍ଶିତା ଆସିଛି । ସୁଶାସନର ଅନେକ ନୂଆ ମାନଦଣ୍ଡ ପ୍ରତିଷ୍ଠା ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ ଦେଶର ଅନେକ ପ୍ରଗତି ହୋଇଛି । ଆଜି ଯେଉଁସବୁ ନିଷ୍ପତ୍ତି ନିଆଯାଉଛି ତାହାର ପ୍ରଭାବ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ । ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କର ଆକାଂକ୍ଷା ପୂରଣ ହେଉଛି। ଦେଶରେ ଆସିଥିବା ବ୍ୟାପକ ପରିବର୍ତ୍ତନ କାରଣରୁ ଦେଶର ନାଗରିକଙ୍କୁ ସବୁ ପ୍ରକାର ମୌଳିକ ସୁବିଧା ମିଳିପାରୁଛି । ଗାଁ ଲୋକମାନେ ମଧ୍ୟ ଆଜି ଡିଜିଟାଲ ସେବାର ଲାଭ ପାଇପାରୁଛନ୍ତି । ଦେଶର ଯୁବବର୍ଗ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ମାଲହୋତ୍ରା ଆହୁରି କହିଥିଲେ, ସରକାରୀ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ କର୍ମଯୋଗୀ ଏବଂ ଆଇ-ଗଟ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲରେ ୧୪ଶହରୁ ଅଧିକ ପାଠ୍ୟକ୍ରମ ରହିଛି । ଏସବୁ ପାଠ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀମାନେ ସ୍ୱତନ୍ତ୍ର ସହାୟତା ଲାଭ କରିବା ସହିତ ନିଜ ଦକ୍ଷତାରେ ସୁଧାର ଆଣିପାରୁଛନ୍ତି। ଏବେ ସୁଦ୍ଧା ୧କୋଟିରୁ ଅଧିକ କର୍ମଚାରୀ ଏସବୁ ପାଠ୍ୟକ୍ରମର ଲାଭ ଉଠାଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ସିଜିଏସଟି ଏବଂ ସୀମାଶୁଳ୍କ, ଭୁବନେଶ୍ୱର ପ୍ରାନ୍ତ ମୁଖ୍ୟ ଆୟୁକ୍ତ ଶ୍ରୀ ଏମ.ଏସ. ରେଡ୍ଡୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମୁଖ୍ୟ ଡାକପାଳ ନିର୍ମଳଜିତ ସିଂଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରାକୃତିକ ଐତିହ୍ୟ ସଂଗ୍ରହାଳୟ: ଖୋଲିପାରୁନି ଡିସ୍‌କଭରି ସେଣ୍ଟର, ଉଜୁଡ଼ି ଗଲାଣି ଭିତିଭୂମି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରାକୃତିକ ଐତିହ୍ୟ ସଂଗ୍ରହାଳୟରେ ଖୋଲିବ ଡିସ୍‌କଭରି ସେଣ୍ଟର। ଏଥିରେ ଭାରତର ବିଭିନ୍ନ ରାଜ୍ୟର ଜୀବଜନ୍ତୁ, ପକ୍ଷୀ, ସରୀସୃପଙ୍କ ସମ୍ପୂର୍ଣ୍ଣ ତଥ୍ୟ ମିଳିବ। ଫଳରେ ଛାତ୍ରଛାତ୍ରୀଙ୍କ ସମେତ ପରିବେଶବିତ୍ ଓ ଗବେଷକମାନେ ମଧ୍ୟ ଉପକୃତ ହୋଇପାରିବେ। ତେବେ ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ଡିସ୍‌କଭରି ସେଣ୍ଟର ଗତ ବର୍ଷ ଅଗଷ୍ଟ ମାସରେ ଖୋଲିବାକୁ ଥିଲା। ହେଲେ କାର୍ଯ୍ୟ ପାଇଁ ଠିକ୍ ସମୟରେ ଟେଣ୍ଡର ନହେବା ଓ ପରବର୍ତ୍ତୀ ଅବସ୍ଥାରେ ଠିକା ସଂସ୍ଥାର କୁପରିଚାଳନା ଯୋଗୁ ଏହା ହୋଇପାରିଲା ନାହିଁ। ପୁଣି ଚଳିତ ବର୍ଷ ଜାନୁଆରି ମାସ ଶେଷ ସୁଦ୍ଧା କାର୍ଯ୍ୟ ସାରିବାକୁ ମଧ୍ୟ କର୍ତ୍ତୃପକ୍ଷ ଉଦ୍ୟମ କରୁଥିଲେ ହେଲେ ଏଯାବତ୍ କାମ ସରିନାହିଁ। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଏହି ସଂଗ୍ରାଳୟରେ ନିଃଶୁଳ୍କ ପ୍ରବେଶ ସୁଯୋଗ ଥିବାରୁ ପ୍ରତିବର୍ଷ ଏଠାରେ ଲକ୍ଷାଧିକ ଲୋକଙ୍କ ସମାଗମ ଘଟେ। ଭାରତର ବିଭିନ୍ନ ରାଜ୍ୟର ଜୀବଜନ୍ତୁ, ଉପକୂଳବର୍ତ୍ତୀ ଅଞ୍ଚଳ, ବିଭିନ୍ନ ପ୍ରଜାତିର ବୃକ୍ଷଲତାଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଏଠାରେ ଦେଖିବାକୁ ମିଳେ। ଫଳରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଓ ଛାତ୍ରଛାତ୍ରୀ ଏଠାକୁ ଆସନ୍ତି। ହେଲେ ବର୍ତ୍ତମାନ ଏହାର ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ସଂଗ୍ରହାଳୟର ପ୍ରବେଶପଥରେ ଥିବା ଛାତରୁ ପଲସ୍ତରା ଝଡ଼ି ଲୁହାଛଡ଼ ଦେଖାଗଲାଣି। ଏପରିକି ହଲ୍ ଭିତରେ ମଧ୍ୟ କିଛି ସ୍ଥାନରେ ପଲସ୍ତରା ଖସି ଯାଇଛି। ସେହିପରି ହଲ୍‌ଗୁଡ଼ିକରେ ଏସି ଅଚଳ ହୋଇପଡ଼ିଛି। ସେହିପରି ରାଜ୍ୟର ଜଳପ୍ରପାତ, ତାପଜ ବିଦ୍ୟୁତ କେନ୍ଦ୍ର, ଅବବାହିକା ଆଦି ବିଷୟରେ ଜାଣିବା ପାଇଁ ମ୍ୟାପ୍‌ରେ ଲଗାଯାଇଥିବା ଲାଇଟଗୁଡ଼ିକ ଆଉନାହିଁ। ପିଲାମାନେ ପୂର୍ବରୁ ଯେଉଁଭଳି ସୁଇଚ୍ ଚିପିଲେ ବିଭିନ୍ନ ଜିଲ୍ଲାରେ କେଉଁ କେଉଁ ସମ୍ପଦ ଅଛି ତାହା ଜାଣିପାରୁଥିଲେ, ବର୍ତ୍ତମାନ ତାହା ଆଉ ଜଣାପଡୁନାହିଁ। ଏପରିକି କିଛି ସୁଇଚ୍ ମଧ୍ୟ ଭାଙ୍ଗିଗଲାଣି। ତେବେ ଏନେଇ ସଂଗ୍ରାଳୟର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଏସି ଓ ଅନ୍ୟାନ୍ୟ ଉପକରଣ ମରାମତି ଚାଲିଛି। ସେହିପରି ଡିସ୍‌କଭରି ସେଣ୍ଟର ପାଇଁ ସିପିଡବ୍ଲ୍ୟୁଡି ସହ ଆଲୋଚନା ଚାଲିଛି। ଖୁବ ଶୀଘ୍ର କାମ ଆରମ୍ଭ ସାରିବାକୁ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।



# ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା : ପ୍ରଭାତୀ ପରିଡା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା । ଏଥିପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ । ଏବେ ବାଉଁଶରୁ ଟି ସାର୍ଟ, ଟିସୁ ପେପର, ଖଲି, ପ୍ଲେଟ, ଟିଫିନ୍ ବକ୍ସ, ବ୍ରସ, ଚାମଚ ଓ ଅନେକ କିଛି ପ୍ରସ୍ତୁତ ହେଉଛି । ଭୁବନେଶ୍ୱର ମିଶନ ଶକ୍ତି ଭବନରେ ଚାଲିଥିବା କର୍ମଶାଳାରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଲକ୍ଷପତି ଦିଦି ସୃଷ୍ଟି କ୍ଷେତ୍ରରେ ରାଜ୍ୟ ସରକାର ଆଉ ପାଦେ ଆଗକୁ ଯାଇଛନ୍ତି । ଏସଏଚଜି ମହିଳାଙ୍କୁ ଜୀବିକାର ନୂଆ ରାହା ଦେଖାଇବ ବାଉଁଶ ତିଆରି ସାମଗ୍ରୀ । ବାମ୍ବୁ ମିଶନ କରିବ ମହିଳାଙ୍କୁ ଲକ୍ଷପତି । ମହିଳାମାନେ ଯେଉଁ ଯେଉଁ ମାଧ୍ୟମରେ ଲକ୍ଷପତି ହେବେ ସେ କାମ ବିଭାଗ କରୁଛି । ବାଉଁଶର ସରଳୀକରଣରେ କିଭଳି ବ୍ୟବସାୟ କରି ଲକ୍ଷପତି ହୋଇପାରିବେ ସେ ନେଇ ରାଜ୍ୟ ଜୀବିକା ମିଶନ ନିର୍ଦ୍ଦେଶକ ଓ ତାଙ୍କ ଟିମ୍ ନର୍ଥ ଇଷ୍ଟ ହିଲ୍ ବିଶ୍ୱବିଦ୍ୟାଳୟ ଯାଇ ଅଧ୍ୟୟନ କରିଛନ୍ତି । ତାହା ଦେଖିବା ପରେ କର୍ମଶାଳା ଅନୁଷ୍ଠିତ ହୋଇଛି । ୫୦ ପଇସାର ଖଲି ପତ୍ର ୧୧ ଟଙ୍କାରେ ବିକ୍ରି ହେଉଛି । ଜଣେ ମହିଳା ଏହାଦ୍ୱାରା ସିଧା ୭ ଟଙ୍କାର ଲାଭ ପାଇବେ । ଧୂପ ହେଉ କି ଅନ୍ୟାନ୍ୟ ସାମଗ୍ରୀ । ମହିଳା କିଭଳି ଉଦ୍ୟୋଗପତି ହୋଇପାରିବେ ସେଇ ଲକ୍ଷ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି ।

# ଗୋଟିଏ ଦିନରେ ଗଞ୍ଜାମ ଜିଲ୍ଲାରେ ୪ ହତ୍ୟାକାଣ୍ଡ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଦିନକରେ ୪ଟି ହତ୍ୟାକାଣ୍ଡ । ଅପରାଧୀ ପୋଲିସକୁ ଦେଉଛନ୍ତି ଚ୍ୟାଲେଞ୍ଜ । ପୋଲିସ ଏଠି ଲାଚାର । ବେଗୁନିଆପଡ଼ା ଥାନା ଅନ୍ତର୍ଗତ ସୁମଣ୍ଡଳ ଠାରେ ୨ ଭାଇଙ୍କୁ ହତ୍ୟା କରାଯାଇଛି । ପୂର୍ବ ଶତ୍ରୁତାରୁ ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ୨ ଭାଇ ହେଲେ ବଡ ଭାଇ ସଞ୍ଜୟ ବାରିକ ଓ ସାନ ଭାଇ ଅଜୟ ବାରିକ। ସେହିପରି ଭଞ୍ଜନଗର ତାରାସିଂଙ୍ଗ ଥାନା ଅନ୍ତର୍ଗତ ବ୍ରହ୍ମଣପଦର ଗାଁରେ ପାରିବାରିକ କଳହରୁ ହତ୍ୟା ହୋଇଛି । ବଡ ଭାଇ ଓ ପୁତୁରା ଆକ୍ରମଣରେ ବଳରାମ ଗୌଡ଼ଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମୃତଦେହ ଘରେ ପଡିଛି । ପୋଲିସ ପହଞ୍ଚି ତଦନ୍ତ କରୁଛି। ସେହିଭଳି ଆସିକା ଥାନା ଅଞ୍ଚଳରେ ମଧ୍ୟ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମର ଖଦାଳ ସାହିର ଗୋଟେ ଘରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ମହିଳା ଜଣକ ହେଲେ ୨୩ ବର୍ଷୀୟ ବର୍ଷା ନାୟକ । ମୃତକଙ୍କ ବାପଘର ଲୋକେ ଝିଅକୁ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଘଟଣାସ୍ଥଳରେ ଆସିକା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଘଟଣାରେ ମୃତକଙ୍କ ସ୍ୱାଇଁ ଗୋବିନ୍ଦ ନାୟକଙ୍କୁ ଅଟକ ରଖି ପୋଲିସ ପଚରା ଉଚରା କରୁଛି ।

ସେପଟେ ସାନଖେମୁଣ୍ଡି ଖଲିଙ୍ଗି ଗାଁରେ ୪ ବର୍ଷର ଶିଶୁ କନ୍ୟାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ଘଟିବା ଜିଲ୍ଲାର ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଅନୁମାନ କରାଯାଉଛି ।

## ପହଲଗାମ ଆକ୍ରମଣ ପରେ ଗୁଜୁରାଟ ପୁଲିସର ବଡ କାର୍ଯ୍ୟାନୁଷ୍ଠାନ

# ୧୦୦୦ରୁ ଅଧିକ ବାଂଲାଦେଶୀ ନାଗରିକ ଅଟକ



**ଅହମ୍ମଦାବାଦ :** ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଗୁଜୁରାଟ ସରକାର ମଧ୍ୟ ଆକ୍ସନ ମୋଡ୍‌ରେ ଅଛନ୍ତି। ଗୁଜରାଟରେ ଅବୈଧ ବାଂଲାଦେଶୀମାନଙ୍କ ବିରୁଦ୍ଧରେ ସରକାରଙ୍କ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପହଲଗାମ ଆକ୍ରମଣ ପରେ, ଗୁଜରାଟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ଦଳ ମଧ୍ୟରାତ୍ରିରେ ଅବୈଧ ବାଂଲାଦେଶୀମାନଙ୍କ ଆଡ୍ଡା ଉପରେ ଚଢ଼ାଉ କରି ୧୦୦୦ ରୁ ଅଧିକ ଲୋକଙ୍କୁ ଅଟକ ରଖିଛି। ଏହି ବଡ଼ ଅଭିଯାନ ପୁଲିସ ଦ୍ୱାରା ଅହମ୍ମଦାବାଦ ଏବଂ ସୁରଟରେ କରାଯାଇଥିଲା। ଏଥିରେ ୧୦୦୦ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଅଟକ ରଖାଯାଇଛି। ଅହମ୍ମଦାବାଦର ଚାଣ୍ଡୋଲା ହ୍ରଦରେ ଏକ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ଚାନ୍ଦୋଲାରୁ ୪୫୭ ଜଣ ଅବୈଧ ବାଂଲାଦେଶୀଙ୍କୁ ଅଟକ ରଖାଯାଇଛି। ସୁରଟରେ ୧୦୦୦ ରୁ ଅଧିକ ବାଂଲାଦେଶୀଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏହି ଲୋକମାନେ ଜାଲ କାଗଜପତ୍ର ଆଧାରରେ ଭାରତରେ ରହୁଥିଲେ।

ବିଳମ୍ବିତ ରାତିରୁ ସକାଳ ପର୍ଯ୍ୟନ୍ତ ପୋଲିସ ସର୍ଚ୍ଚ ଅପରେସନ ଜାରି ରହିଥିଲା। କ୍ରାଇମବ୍ରାଞ୍ଚ, ଏସଓଜି, ଜୋନ-୬ ଏବଂ ଅନ୍ୟାନ୍ୟ ଦଳ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଂଲାଦେଶ, ପାକିସ୍ତାନ କିମ୍ବା ଅନ୍ୟ ଦେଶର ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ତଦନ୍ତ କରାଯାଉଛି। ବେଆଇନ ଭାବରେ ରହୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅହମ୍ମଦାବାଦରେ ଅଟକ ଥିବା ଲୋକମାନଙ୍କୁ ବର୍ତ୍ତମାନ କାଙ୍କରିଆ ଫୁଟବଲ୍ ଗ୍ରାଉଣ୍ଡରେ ରଖାଯାଇଛି, ଯେଉଁଠାରେ ସେମାନଙ୍କୁ ପଚରାଉଚରା କରାଯାଉଛି ଏବଂ ସେମାନଙ୍କର କାଗଜପତ୍ର ଯାଞ୍ଚ କରାଯାଉଛି। କ୍ରାଇମବ୍ରାଞ୍ଚ ଜେସିପି ଶରଦ ସିଂହଲ ଟିଭି୯ ସହିତ ଏକ ସ୍ୱତନ୍ତ୍ର ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ଡିଜିପିଙ୍କ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚାନ୍ଦୋଲା ହ୍ରଦ ଅଞ୍ଚଳରେ ଅବୈଧ ବାଂଲାଦେଶୀମାନେ ରହୁଥିଲେ। ସମସ୍ତଙ୍କୁ ଭଲ ଭାବରେ ପଚରାଉଚରା କରାଯାଉଛି। ୨୦୨୪ ମସିହାରେ ୧୨୭ ଜଣ ଅବୈଧ ବାଂଲାଦେଶୀ ମିଳିଥିଲେ, ୧୨୭ ଜଣଙ୍କ ମଧ୍ୟରୁ ୭୦ ଜଣ ବାଂଲାଦେଶୀଙ୍କୁ ନିର୍ବାସିତ କରାଯାଇଛି। ଜାଲ୍ କାଗଜପତ୍ର ଆଧାରରେ ପରିଚୟପତ୍ର ତିଆରି କରି ବେଆଇନ ଭାବରେ ରହୁଥିବା ବାଂଲାଦେଶୀମାନେ ସେଠାରେ ରହୁଥିଲେ। ସମସ୍ତ ବାଂଲାଦେଶୀଙ୍କ ବୈଷୟିକ ସୂଚନା ସଂଗ୍ରହ କରାଯିବ। ମିଥ୍ୟା କାଗଜପତ୍ର କିଏ ତିଆରି କରିଛି ତାହା ଜାଣିବା ପାଇଁ ମଧ୍ୟ ତଦନ୍ତ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶ ପରେ ଏହି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା, ଯେଉଁଥିରେ ସେ ସମସ୍ତ ରାଜ୍ୟକୁ ଅବୈଧ ବିଦେଶୀ ନାଗରିକଙ୍କୁ ଚିହ୍ନଟ କରି ଦେଶରୁ ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଗୃହମନ୍ତ୍ରୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଅବୈଧ ଭାବରେ ରହୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟ କରି ସେମାନଙ୍କୁ ନିଜ ନିଜ ଦେଶକୁ ଫେରାଇବାକୁ ନିବେଦନ କରିଥିଲେ।

# ଗତ୫ ବର୍ଷରେ ଏସ୍‌ଟିଏଫ୍ ଦ୍ୱାରା ୫୨ଟି କଲରାପତରିଆ

## ଓ ୨ଟି ମହାବଳ ବାଘ ଚମଡ଼ା ଜବତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କ୍ରାଇମ୍‌ବ୍ରାଞ୍ଚ୍ ଏସ୍‌ଟିଏଫ୍ ଫାଶରେ ପଡ଼ିଛନ୍ତି ପୁଣି ଦୁଇ ବାଘ ଶିକାରୀ। ସେମାନେ ହେଲେ କନ୍ଧମାଳ ଜିଲ୍ଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବଦ୍ଦୁମା ଗାଁର ପ୍ରଦୀପ ମଲ୍ଲିକ(୩୫) ଓ ଗୁଟୁସା ପ୍ରଧାନ (୫୬)। ସେମାନଙ୍କ ନିକଟରୁ ଗୋଟିଏ କଲରାପତରିଆ ଚମଡ଼ା ଜବତ କରାଯାଇଛି। ୫ ଲକ୍ଷ ଟଙ୍କାରେ ସେମାନେ ଏହି ଚମଡ଼ା ବିକିବା ଯୋଜନାରେ ଥିଲେ ଏବଂ ତା ପୂର୍ବରୁ ଏସ୍‌ଟିଏଫ୍ ସ୍କ୍ୱାଡ୍ ସେମାନଙ୍କୁ କାବୁ କରିଛି। ଗତକାଲି ଏହି ବାଘ ଚମଡ଼ା ବିକ୍ରି ଡିଲ୍ ସମ୍ପର୍କରେ ଏସ୍‌ଟିଏଫ୍ ସ୍କ୍ୱାଡ୍‌କୁ ଗୁଇନ୍ଦା ସୂଚନା ମିଳିଥିଲା। ଦୁଇ ଶିକାରୀ ପ୍ରଦୀପ ଓ ଗୁଟୁସା ବାଲିଗୁଡ଼ା ଡହପଦର ଛକରେ ଗ୍ରାହକକୁ ଚମଡ଼ା ଦେବାର ଥିଲା। ତେଣୁ ସେମାନେ ଡହପଦର ଛକକୁ ଆସି ଗ୍ରାହକ ଅପେକ୍ଷାରେ ଥିଲେ। କିନ୍ତୁ କିଛି ସମୟ ପର୍ଯ୍ୟନ୍ତ ଗ୍ରାହକ ନ ଆସିବାରୁ ସେମାନେ ସେଠାରୁ ପଳାଇବାକୁ ବାହାରିଥିଲେ। ମାତ୍ର ପୂର୍ବରୁ ଛକି ରହିଥିବା ଏସ୍‌ଟିଏଫ୍ ସ୍କ୍ୱାଡ୍ ସେମାନଙ୍କୁ ଘେରି ଯାଇଥିଲା। ବାଘଟିକୁ ସେମାନେ ୧୫ଦିନ ପୂର୍ବରୁ ଫାଶ ବସାଇ ମାରିଥିଲେ ଏବଂ ଚମଡ଼ାକୁ ୫ ଲକ୍ଷ ଟଙ୍କାରେ ଗ୍ରାହକ କିଣିବାର ଥିଲା ବୋଲି ମାନିଯାଇଥିଲେ। ସେମାନେ ଗ୍ରାହକ ବାବଦରେ ଏସ୍‌ଟିଏଫ୍‌କୁ ସୂଚନା ଦେଇଥିବା ଜଣାପଡ଼ିଛି। ମାତ୍ର ତାହା ଗ୍ରାହକର ପ୍ରକୃତ ଠିକଣା କି ନା, ସେନେଇ ଖୋଳତାଡ଼ ଚାଲିଛି। ଏଥିସହିତ ସେମାନଙ୍କ ମୋବାଇଲ ଜବତ କରାଯାଇ ନମ୍ବର ଟ୍ରାକ୍ କରାଯାଉଛି। ସୂଚନାଯୋଗ୍ୟ ଯେ ୫ ବର୍ଷ ଭିତରେ ଏସ୍‌ଟିଏଫ୍ ୫୨ଟି କଲରାପତରିଆ ଓ ୨ଟି ମହାବଳ ବାଘ ଚମଡ଼ା ଜବତ କରିଛି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତି ସହିବ କ୍ଷତି

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

ମନ୍ଦର ପର୍ବତ ପରି ଅହଂକାରୀ
ମନୁଷ୍ୟ ଶରୀର ଧରି
ମନ୍ଦ ଉଦ୍ଦେଶ୍ୟକୁ ହୃଦୟରେ ଭରି
କହନ୍ତି ନେତା ସବୁରି। (୧୧)
ମଗର ପରାୟେ ମନ ତ ତାଙ୍କରି
ଉପର ଚିକ୍କଣ ଭାରି
ମଧୁର ମଧୁର କଥା କହି କରି
ଜୀବନରୁ ଦେବେ ମାରି । (୧୨)
ମଶା ମାଛି ମୂଷା ସ୍ୱଭାବକୁ ଧରି
ଶୋଷନ୍ତି ରକ୍ତ ସବୁରି
ମନକୁ ଗୋପନ କରି ମୂଷା ପରି
ଘୁରୁଥାନ୍ତି ମାଛି ପରି । (୧୩)

ମନ୍ତ୍ରୀ ପରିଷଦ କଳ୍ପନାକୁ ଧରି
କରୁଥିବେ ନେତାଗିରି
ମଦୁଆ ମାତାଲ ଠିକାଦାର ଧରି
କୁହୁଡି ଥିବେ ପହଁରି। (୧୪)

ମନଟି ତାଙ୍କର ମାଓବାଦୀ ପରି
ମାଫିଆ ଉଠା ବେପାରୀ
ମଙ୍ଗ କରିଥାନ୍ତି ସମାଜକୁ ଧରି
କହିଲି ଭକ୍ତରେ ଠାରି। (୧୫)
ମନ୍ତ୍ର ଯନ୍ତ୍ର ତନ୍ତ୍ର ଭାବନାକୁ ଧରି
ମନ ଟଳିବ ସବୁରି
ମହାବାତ୍ୟା ପରି ମିଥ୍ୟା ଭାବ ଧରି
ଦିନରେ କରିବେ ଚୋରି (୧୬)

ମହୁଲି ବେପାରୀ ଦେଶୀ ମଦ ଧରି
ମାରିବେ ଛାପ ସର୍କାରୀ
ମଦ ନାରୀ ଧନ ଲାଞ୍ଚଦେଇ କରି
ଲୁଟିବେ ପ୍ରଜାଙ୍କ ଶିରୀ। (୧୭)

ମଶାଣି ଗୋଚର ସବୁ ନେବେ ହରି
ପାହାଡ ପର୍ବତ ଧରି
ମହାମାୟା ଲୀଳା କହିଲିରେ ଠାରି
ବନଲତା ଯିବ ସରି । (୧୮)

ମଉଜ କରିବେ କମ୍ପାନୀକୁ ଧରି
ପ୍ରଜା ହେବେ ମରାମରି
ମରଦ ପଣିଆ ଦେଖାଇବେ ଭାରି
ବିଦେଶୀ ପୁଞ୍ଜିକୁ ଧରି । (୧୯)
ମଣି ଖଣି ସବୁ କରିବେ ବିକିରି
କ୍ଷେତ ନଥିବ କାହାରି
ମନ ଭୁଲାଣିଆ ସ୍ଲୋଗାନ କରି
ଓଡ଼ିଶା ଯିବେ ପାଶୋରି (୨୦)

(କ୍ରମଶଃ)



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୨୩

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୭-ମୋର ପ୍ରେମପତ୍ର 'ଲିଖନ ଓ ପ୍ରେରଣ'

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ସୁହାସୀକୁ "କହ" ବୋଲି କହି ତା' କଥାକୁ ଶୁଣିବାରେ ମନୋନିବେଶ କଲି। ସୁହାସିନୀ କହିଚାଲିଲା 'ବର୍ତ୍ତମାନ ଏହା ଉତ୍କୃଷ୍ଟ ସମୟ ଯେ ଉଦୟନ ତୋ'ପ୍ରତି ପ୍ରେମାଶକ୍ତ ହୋଇପଡିଛନ୍ତି। ତେଣୁ ଆମ୍ଭେ ଅଗ୍ରସର ହୋଇ ତାଙ୍କ ସହ ସଂପର୍କ ସ୍ଥାପନ କରିବା। ସେ ତ ନିଶ୍ଚୟ ହଠାତ୍ ତୋତେ ବିବାହ କରିବାକୁ ଅସମ୍ମତ ହେବେ। କାରଣ- ପିତାମାତା ଆଦିଙ୍କ ବିରୋଧର ସମ୍ଭାବନା। ତେଣୁ ଆମ୍ଭେ ତାଙ୍କ ସହ ଯୋଗସୂତ୍ର ସ୍ଥାପନ କରି ତାଙ୍କୁ ଏଥିପାଇଁ ସହମତି ଆଣିବାକୁ ହେବ। ଏଥିପାଇଁ ଉପଯୁକ୍ତ ମାଧ୍ୟମ ହେଉଛି ତୋ ଦ୍ୱାରା ଲିଖିତ ଏକ ପ୍ରେମପତ୍ର। ତେଣୁ ତୁ ଏକ ପତ୍ର ଲେଖେ। ମୁଁ ତାହା ତାଙ୍କୁ ନେଇ ଦେଇଦେବି। ଦେଖିବା କ'ଣ ଉତ୍ତର ଆସୁଛି।

ମୁଁ ମନଖୋଲି ମୋର ପ୍ରେମ ପ୍ରକାଶକରି ମୋ ପ୍ରେମିକଙ୍କ ନିକଟକୁ ପତ୍ର ଲେଖିବି ବୋଲି ଭାବି ଅତୀବ ଉଲ୍ଲସିତ ହୋଇଗଲି। କିନ୍ତୁ ପର ମୁହୂର୍ତ୍ତରେ ନାରୀ ସୁଲଭ ଲଜ୍ଜାର ବଶବର୍ତ୍ତୀ ହୋଇ ସୁହାସୀକୁ କହିଲି, "ସୁହାସୀ, ତୁ ଆଉ କେଉଁ ମାର୍ଗ ମୋତେ ବତାଅ। ମୁଁ ଲଜ୍ଜାତ୍ୟାଗ କରି ହଠାତ୍ କିପରି ପ୍ରେମ ନିବେଦନ କରିବି ? ଉଦୟନ ମୋର ଏହି ବ୍ୟବହାରରେ କ୍ଷୁବ୍ଧ ହେବେ ନାହିଁ ତ ?" ତତ୍କ୍ଷଣାତ୍ ସୁହାସୀ କହିଲା, " ଏହା ହିଁ ଆମ୍ଭପାଇଁ କେବଳ ଏକ ମାତ୍ର ପନ୍ଥା। କାରଣ ତୁ ତାଙ୍କୁ ସାକ୍ଷାତ କରି ଏପରି କହିବା ତୋ' ପକ୍ଷେ ଉତ୍ତମ ହେବ ନାହିଁ। ପୁନଶ୍ଚ ଉଦୟନଙ୍କର ଯେପରି ପରିବାର ପରମ୍ପରା ଆଦି ପ୍ରତି ଭୟ ଅଛି, ଏ ସ୍ଥିତିରେ ସେ ଏ ଦିଗରେ ଅଗ୍ରସର ହେବା ସ୍ୱାଭାବିକ ନୁହେଁ। ପୁଣି କହୁଛି ତୋର ସେ ପତ୍ରକୁ ମୁଁ ନେଇ ତାଙ୍କ ସହ ବାର୍ତ୍ତାଳାପ କରିବି। କଥା ପ୍ରସଂଗରେ ତୋର ଏ ପରିସ୍ଥିତି ବୁଝାଇଦେବି। ତେଣୁ ଯେହେତୁ ସେ ତୋତେ ମନ ମଧ୍ୟରେ ପ୍ରେମ କରୁଛନ୍ତି, ସେ ପତ୍ରକୁ ଆନଂଦରେ ଗ୍ରହଣ କରିବେ ଓ ତା'ର ଉତ୍ତର ମଧ୍ୟ ଦେବେ। ଏହା ମୋର ଦୃଢ ବିଶ୍ୱାସ। ତୁ ଦୁଇଦିନରେ ଗଦ୍ୟ ବା ପଦ୍ୟରେ ଏକ କ୍ଷୁଦ୍ର ପ୍ରେମପତ୍ର ମୋର ବିନା ସାହାଯ୍ୟରେ ଲେଖେ। ମୁଁ ତାହା ପଢିଲାପରେ ପରବର୍ତ୍ତୀ କାର୍ଯ୍ୟ ସଂପାଦିତ କରିବି।" ମୁଁ ତା'ର କଥାରେ ସମ୍ମତି ପ୍ରକାଶ କଲି।

ଏହା ପରେ ପରେ ମୋ ମନ ଦିବାରାତ୍ର କେବଳ ପ୍ରେମପତ୍ରର ଭାଷା ଆନ୍ଦୋଳିତ କରିବାରେ ଲାଗିଲା। ଲେଖୁଥାଏ, ତା'ର ପରିବର୍ତ୍ତନ କରୁଥାଏ ଓ ମନପସନ୍ଦ ନ ହେବାରୁ ପତ୍ରକୁ ଚିରି ଫୋପାଡି ଦେଉଥାଏ। ଏହିପରି ବହୁବାର ଲାଗି ରହିଲା। ଏ ଘଟଣାର ପରଦିନ ରାତ୍ରରେ ମୁଁ ନିଦ୍ରାଗତ ଅବସ୍ଥାରେ ସ୍ୱପ୍ନରେ ପ୍ରେମପତ୍ର ଲେଖୁଥିବାର ଅନୁଭବ କଲି। ହଠାତ୍ ମୋର ନିଦ୍ରାଭଙ୍ଗ ହୋଇଯିବାରୁ ତାଳପତ୍ର ଓ ଲେଖନୀ ହାତରେ ଧରି ଯେଉଁ ଭାବଧାରା ମନରେ ଆସି ଯାଇଥିଲା, ତାକୁ ଶବ୍ଦ ରୂପନେଇ ଏକ କବିତା ଲେଖିଦେଲି। କବିତାଟି ଥିଲା ଏକ ହୃଦୟଗ୍ରାହୀ ପ୍ରେମପତ୍ର। କ୍ଷୁଦ୍ର ଥିଲା କିନ୍ତୁ ଲେଖାହୋଇଥିଲା 'ଚ' ଅନୁପ୍ରାସରେ।

ପ୍ରତ୍ୟେକ ପଦର ଚାରୋଟି ଲେଖାଁଏ ଅଂଶଥିଲା ଓ ସୁଂଦରତା ଏହି ଯେ ପ୍ରତ୍ୟେକ ଅଂଶର ପ୍ରଥମ ଅକ୍ଷର "ଚ" ଥିଲା। ଏହି "ଚ" ବ୍ୟତୀତ କବିତାର ଅବୟବରେ ଅନେକ ଶବ୍ଦ ମଧ୍ୟରେ "ଚ" ଧ୍ୱନି ସନ୍ନିହିତ ଥିଲା। କବିତାକୁ ବହୁବାର ମାର୍ଜିତ କରି ସୁଂଦର ଅକ୍ଷରରେ ପତ୍ରଟିର ଲେଖନ କାର୍ଯ୍ୟ ସମାପନ କରି ରଖିଦେଲି। ସୁହାସିନୀ ନିଦ୍ରାଗତ ଥାଏ।

ତା'ପର ଦିନ ବିଦ୍ୟାପୀଠ ଗଲୁ। ସଂଧ୍ୟା ଭୋଜନ ପରେ ନିଦ୍ରା ଯିବା ପୂର୍ବରୁ ସୁହାସୀକୁ କହିଲି, "ଦେଖ, ତୁ ପତ୍ର ଲିଖନପାଇଁ ମୋତେ ଦୁଇଦିନ ସମୟ ଦେଇଥିଲୁ। କାଲି ରାତ୍ରିକାଳରେ ଏ କାର୍ଯ୍ୟ ଶେଷ କରିଦେଇଛି। ଏ ପତ୍ରଟି ପଢେ। ତୋ'ମନ ପାଉଛି ନା ନାହିଁ ମୋତେ କହ"। ତତ୍କ୍ଷଣାତ୍ ସୁହାସୀ ଉଲ୍ଲସିତ ହୋଇ କହିଲା, "ମୋତେ ଶୀଘ୍ର ଦିଏ। ଦେଖିବା ତୁ କେତେ ଉଚ୍ଚମାନର ପ୍ରେମିକା।" ମୁଁ ପତ୍ରଟି ଦେଲି। ସେ ଏକା ନିଶ୍ୱାସରେ ପଢିଦେଲା। ପୁଣି ଦୁଇଥର ପଢିଚାଲିଲା। ତା'ମୁଖରେ ହର୍ଷଭାବ ସ୍ପଷ୍ଟ ପରିସ୍ଫୁଟ ହେଉଥାଏ। ମୁଁ ତା'ର ମନ୍ତବ୍ୟକୁ ଅପେକ୍ଷା କରିଥାଏ।

ପତ୍ର ପଠନ ଶେଷ କରି ସୁହାସୀ ହସି କରି କହିଲା, " ଆରେ ତୁ ଏତେ ବଡ ପ୍ରେମିକା ମୁଁ ଜାଣି ନଥିଲି। ତୋ ମନ ମଧ୍ୟରୁ ନିର୍ଗତ ହୋଇଥିବା "ଚ" ଅନୁପ୍ରାସର ପ୍ରେମ ଭାଷାର ପ୍ରଶଂସା ନ କରି ମୁଁ ରହି ପାରୁନାହିଁ। ତୋ ଉପରେ ତୋ ପ୍ରେମିକ ଚିତ୍ତଚୋର ଯେ ଚମତ୍କାର କରିଦେଲେ ବୋଲି ଯାହା ଲେଖିଛୁ ତା'ଠାରୁ ତୋ'ର ଚମତ୍କାର ଭାଷାରେ ଲିଖିତ ଚମକୁଥିବା ପତ୍ର ଚପଳା ବେଗରେ ଚଳନକରି ତୋ ଚିତ୍ତଚୋରଙ୍କ ଚିତ୍ତକୁ ଏତେ ଚଞ୍ଚଳ କବଳିତ କରିଦେବ ଯେ, ତୋ' ପ୍ରେମ ଫାଶରେ ସେ ଆବଦ୍ଧ ହୋଇଯିବେ।" ମୁଁ ହସିଲି। ସୁହାସୀ କହିଲା, "ଏବେଠାରୁ ଆମ୍ଭର ଅଭିଯାନ ଦ୍ରୁତ ଗତିରେ ଚାଲିବ। ମୁଁ ବର୍ତ୍ତମାନ ଅନୁଭବ କରୁଛି ଯେ ତୁ ବର୍ତ୍ତମାନ ତୋ' ପୂର୍ବାବସ୍ଥାକୁ ଆସି ତୋ' ବୁଦ୍ଧିକୁ ପୁନଃପ୍ରାପ୍ତ କରିଛୁ। ତେଣୁ ପରବର୍ତ୍ତୀ ପଦକ୍ଷେପ ବିଷୟରେ ମୋ ସହ ବାର୍ତ୍ତାଳାପ କରି କ'ଣ କ'ଣ କରାଯାଇପାରିବ, ସେ ବିଷୟରେ ମୋର ସହଯୋଗ କରେ। ବର୍ତ୍ତମାନ ଆମ୍ଭେ ଚିନ୍ତା କରିବା ଯେ ଏ ପତ୍ର କିପରି ମୁଁ ନେଇ ଉଦୟନଙ୍କୁ ଦେବି।" ମୁଁ ଆନଂଦିତ ହୋଇ ଏ ବିଷୟରେ ତା' ସହ ଆଳାପ କଲି ଓ କାର୍ଯ୍ୟପନ୍ଥା ସ୍ଥିର ହେଲା।

ଏହିପରି ଉଦୟନଙ୍କୁ ଏକାନ୍ତ ପାଇ ଓ କିଛି କହି ସୁହାସିନୀ ପତ୍ରଟିକୁ ହସ୍ତାନ୍ତର କରିବାକୁ ସୁଯୋଗ ଅପେକ୍ଷାରେ ତିନିଦିନ ଚାଲିଗଲା। ତା'ପରେ ଏକ ଦିନ ସଂଧ୍ୟା ସମୟରେ ଆମ୍ଭ ସମସ୍ତଙ୍କର ଏକ ପ୍ରବଚନ ଶୁଣିବାପାଇଁ ଏକ କାର୍ଯ୍ୟକ୍ରମ ରହିଲା। ତାହାକୁ ସୁଯୋଗରେ ପରିଣତ କରିବାକୁ ଆମ୍ଭେ ତତ୍ପର ରହିଲୁ। ସେ ଦିନ ସଭାଗୃହର ପୃଷ୍ଠଭାଗରେ କିଛି ସାମଗ୍ରୀ ରଖିଦେଇ ନିୟମିତ ଅଗ୍ର ଭାଗରେ ଆମ୍ଭେ ଦୁହେଁ ବସିଲୁ ଓ ଉଦୟନ ମଧ୍ୟ ସେହିପରି ଅଗ୍ର ଭାଗରେ ବସିଥିଲେ। ମୁଖମଣ୍ଡଳ ଭାଷାରେ ଉଦୟନଙ୍କ ସହ ମୋର ନୀରବ ଭାବ ଆଦାନପ୍ରଦାନ ଚାଲିଥାଏ। ଏପରି କାର୍ଯ୍ୟକ୍ରମ ଶେଷ ହେଲାରୁ ଆମ୍ଭେ ଶୀଘ୍ର ବାହାରକୁ ନ ଯାଇ ଗୃହର ପୃଷ୍ଠ ଭାଗରେ ସାମଗ୍ରୀମାନ ସଂଗ୍ରହ କରିବା ବାହାନାରେ ବିଳମ୍ବ କରୁଥିଲୁ। ତା'ର ପ୍ରଭାବ ମଧ୍ୟ ଉଦୟନଙ୍କ ଉପରେ ପଡ଼ିଥିଲା। ଆମ୍ଭେ ପଛପଟେ ଥିବାରୁ ସେ ମଧ୍ୟ ଧୀରଗତିରେ ଆଗକୁ ଯାଉଥିଲେ, ଯେପରି କି ସେ ଆମ୍ଭର ଅପେକ୍ଷାରେ ବିଳମ୍ବ କରୁଛନ୍ତି। ତେଣୁ ଅନ୍ୟମାନେ ବାହାରକୁ ଚାଲିଗଲେ ଦେଖି ସେମାନଙ୍କ ପଛରେ ଥିବା ଉଦୟନଙ୍କୁ ଅତିକ୍ରମ କରିବାକୁ ଆମ୍ଭର ବେଗ ବୃଦ୍ଧି କରିଦେଲୁ। ମୁଁ ପ୍ରଥମେ ତାଙ୍କୁ ଅତିକ୍ରମ କରି ତାଙ୍କୁ ଦେଖି ହସିକରି ଚାଲିଗଲି।

ତା'ପରେ ଅଳ୍ପ ବିଳମ୍ବରେ ସୁହାସୀ ପଛରୁ ଆସି ତାଙ୍କୁ ଅତିକ୍ରମ କରିଲା ଓ ସେ ସମୟରେ ତାଙ୍କ ମୁଖ ନ ଦେଖି କହିଲା, "ହେ ସଖା, ତୁମ୍ଭ ସହ କିଛି କଥାବାର୍ତ୍ତା ଅଛି। ମୋ ପୃଷ୍ଠଭାଗରେ ଆସ। କଲ୍ଲୋଳା ବିଷୟ।" ଏହା କହି ସୁହାସୀ କିଛି ଦୂରରେ ଥିବା ଅଂଧକାର ସ୍ଥାନକୁ ଚାଲିଗଲା। ତା' ପଛେ ପଛେ ଉଦୟନ ଆଶଙ୍କିତ ହୋଇ ଚାଲିଲେ। ମୁଁ ଦୂରରେ ଥାଇ ସୁହାସିନୀ ଆସିବାର ପ୍ରତୀକ୍ଷାରେ ରହିଥିଲି।

ଉଦୟନ ସେହି ଅଂଧକାର ସ୍ଥାନକୁ ଆସିବାପରେ ସୁହାସୀ ତାଙ୍କୁ ମୋର ତାଙ୍କ ପ୍ରତି ଥିବା ପ୍ରେମଭାବନା ସଂକ୍ଷେପରେ ପ୍ରକାଶ କଲା। ତାହାକୁ ମୁଁ କବିତା ଆକାରରେ କହୁଅଛି।

କହେ ସୁହାସିନୀ ଧୀର ଶୁଣ ହେ ଦ୍ୱିଜ କୁମାର
ଗ୍ରାସିଛି ସଖୀକୁ ପ୍ରେମ ରୋଗ
ତୁମ୍ଭ ରୂପ ଗୁଣେ ମୁଗ୍ଧାକାମବାଣେ ହୋଇ ବିଦ୍ଧା
କରିଛି ସେ ଖାଦ୍ୟପେୟ ତ୍ୟାଗ।।
ହେ ପୁରୁଷବର ସଖା ପ୍ରେମାନଳୁ କର ରକ୍ଷା
ବର୍ଷିଣ ତା ହୃଦେ ପ୍ରେମାମୃତ
ପତ୍ନୀ ରୂପେଣ ଗ୍ରହଣ କରି ଦିଅ ଜୀବଦାନ
ମାଗୁଛି ମୁଁ କରି ଶିର ନତ।
(ଲେଖକଙ୍କ "କାବ୍ୟ କଲ୍ଲୋଳିନୀ'ରୁ ଉଦ୍ଧୃତ)

ଏହା ଶୁଣିଲା ପରେ ଉଦୟନଙ୍କ ମୁଖମଣ୍ଡଳରେ ହର୍ଷ ଚକିତ ଭାବଧାରା ପ୍ରସ୍ଫୁଟିତ ହେବା ସଂଗେ ସଂଗେ ସେ ସଂକ୍ଷେପରେ କହିଲେ, " ମୁଁ ବାଲ୍ୟକାଳରେ ଦୀକ୍ଷା ନେଲା ସମୟରେ କୁଳଗୁରୁଙ୍କୁ ଆଜୀବନ ସନ୍ୟାସୀ ହେବାପାଇଁ ବଚନ ଦେଇଛି ଇତ୍ୟାଦି କାରଣରୁ ଏ ବିବାହ ସମ୍ଭବପର ନୁହେଁ। ତେଣୁ ତୁମ୍ଭ ସଖୀଙ୍କୁ କହ ସେ ଏ ପ୍ରଚେଷ୍ଟାରୁ କ୍ଷାନ୍ତ ରହନ୍ତୁ।" ତତ୍କ୍ଷଣାତ୍ ସୁହାସୀ ଉତ୍ତର ଦେଲା, "ହେ ବଂଧୁ, ଅଧିକ କିଛି କହିବାର ଏ ସମୟ ନୁହେଁ, ତୁମ୍ଭର ଏ ସମସ୍ୟା କେବେହେଲେ ସମସ୍ୟା ପଦବାଚ୍ୟ ନୁହେଁ। କାରଣ ବାଲ୍ୟତ କାଳରେ ଦେଇଥିବା ବଚନ କଦାପି ଶିରୋଧାର୍ଯ୍ୟ ନୁହେଁ। ପୁନଶ୍ଚ ଜାତିଗତ ପ୍ରଭେଦ ଏଥିପାଇଁ ବାଧକ ନୁହେଁ ଓ ପ୍ରେମ ସମ୍ମୁଖରେ ଉଭୟଙ୍କ ସାମାଜିକ ଆସନର ତାରତମ୍ୟ ଗଣନା କରାଯାଇ ନଥାଏ। ଏହା ସୁନିଶ୍ଚିତ ଯେ ତୁମ୍ଭେ ନିଶ୍ଚୟ ପ୍ରେମାଶକ୍ତ ହୋଇପଡିଛ। ନିଅ, ମୋ ସଖୀ ଦେଇଥିବା ପ୍ରେମ ପତ୍ରଟି ଗୃହରେ ପଠନ କର ଓ ତା'ର ଉତ୍ତର ଲେଖି ଦିଅ।' ସୁହାସୀ କହିଥିବା କଥା ଓ ଉଦୟନଙ୍କ ତା'ର ଉତ୍ତର ନିମ୍ନରେ କବିତାରେ ଦର୍ଶାଉଛି।

ଗମ୍ଭୀର ମୁଖମଣ୍ଡଳ ଲୁଚାଉଛି ତୁମ୍ଭ ଛଳ
ଲଭିଛ ନିଶ୍ଚୟ କାମକ୍ଷତ
କର ବ୍ୟକ୍ତ ମନକଥା ଅନ୍ୟଥା ପାଇବ ବ୍ୟଥା
ମୋ ସଖୀ ସଦୃଶ ଅହୋରାତ୍ର ।।
ସଖୀ ବାଣୀରେ ପ୍ରସନ୍ନ ବୋଲନ୍ତି ସେ ଉଦୟନ
ପଢି ପତ୍ର କରି ବିବେଚନା
ପତ୍ରରେ ଦେବି ଉତ୍ତର କିଛିଦିନ ଧୈର୍ଯ୍ୟଧର
ଶାନ୍ତକର ସଖୀର ବେଦନା।।
(ଲେଖକଙ୍କ "କାବ୍ୟ କଲ୍ଲୋଳିନୀ"ରୁ)

ଏ କଥୋପକଥନ ପରେ "ବହୁ ବିଳମ୍ବିତ ହୋଇଗଲାଣି' ବୋଲି କହି ସୁହାସୀ ହସି କରି ଉଦୟନଙ୍କଠାରୁ ବିଦାୟ ନେଇ ଆସିଗଲା। ତା'ର ପଥକୁ ନିର୍ବାକ୍ ହୋଇ ଉଦୟନ ଚାହିଁ ରହିଥିଲେ।

ମୋତେ ସୁହାସିନୀ ସବୁ କଥା କହିଲା। ନିଜର ମନ୍ତବ୍ୟ ଦେଇ କହିଲା, "ସଖୀ, ମଦନ ବାଣ ଏପରି ବିଦ୍ଧ କରିଛି ଯେ ଉଦୟନ ସେଥିରୁ ବାହାରି ପାରିବେ ନାହିଁ। ଅଭିଯାନ ସଫଳ ପଥରେ"। ଏହା ପରେ ଆମ୍ଭେ ଦୁହେଁ ହର୍ଷୋଲ୍ଲାସରେ ସମୟ ଅତିବାହିତ କଲୁ, ଉଦୟନଙ୍କର ପ୍ରତ୍ୟୁତ୍ତରର ପ୍ରତୀକ୍ଷାରେ। (କ୍ରମଶଃ)



ହିତାଂଶୁ ଶେଖର ମହାନ୍ତ
(ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ,
ମୋ-୯୪୩୭୮୭୨୯୦୪)

# ହାତରେ ନ ମାରି ଭାତରେ ମାଡ଼

ଆଖି ପିଛୁଳାକେ ଚାଲିଗଲା ଜୀବନ । ନିମିଷକେ ଉଜୁଡ଼ିଗଲା ପରିବାର । ଆଉ ଛାରଖାର ହୋଇଗଲା ସୁନା ସଂସାର। ସଂସାର ଗଢ଼ିବା ଆଗରୁ ବିଧବା ସଜେଇଦେଲା କାଶ୍ମୀର ଉପତ୍ୟକା। ଆତଙ୍କର ବିଭୀଷିକା ଜୀବନ ରୂପକ ତରୀକୁ ମଝି ଦରିଆରେ ବୁଡାଇ ଦେଲା । ଦୁଃଖ ଓ କ୍ଷୋଭର ବିଷୟ, ଏହି ବୀଭତ୍ସ ଗଣହତ୍ୟାର ଆଧାର ଥିଲା ଧର୍ମ। ପ୍ରାୟ ଦୁଇ ହଜାର ସରିକି ପର୍ଯ୍ୟଟକଙ୍କ ମଧ୍ୟରୁ ପଚାରି ପଚାରି ଓ ପରଖି ପରଖି ହିନ୍ଦୁମାନଙ୍କୁ ହିଁ ନରସଂହାର କରିଥିଲେ ସଇତାନ ପାକିସ୍ତାନୀ ଆତଙ୍କବାଦୀ । ତେବେ ସେମାନଙ୍କୁ ମିଳିଥିଲା ସ୍ଥାନୀୟ ଆତଙ୍କବାଦୀଙ୍କ ସହାୟତା । ଏହି ଘଟଣାରେ ସାରା ଦେଶ ସ୍ତବ୍ଧ ହୋଇ ପଡ଼ିଛି । ପାକିସ୍ତାନୀ ସେନା ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ଓ ୨୮ ଜଣ ନିରୀହ ପର୍ଯ୍ୟଟକଙ୍କ ନରସଂହାର ଘଟଣାରେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଭାରତକୁ ପ୍ରାୟ ସବୁ ଦେଶର ସହାନୁଭୂତି ଓ ସମର୍ଥନ ମିଳୁଥିବା ବେଳେ ପାକିସ୍ତାନକୁ ସମସ୍ତେ ଛି-ଛାକର କରୁଛନ୍ତି।

ତେବେ ଏଭଳି ସମୟରେ କ୍ରୋଧ ପରବଶ ହୋଇ କୌଣସି ନିଷ୍ପତ୍ତି ନେବା ହୁଏତ ଉଚିତ୍ ହୋଇ ନ ପାରେ। କାରଣ ଶାସ୍ତ୍ର କହୁଛି, କ୍ରୋଧାନ୍ୱିତ ଅବସ୍ଥାରେ ନିଆଯାଇଥିବା ନିଷ୍ପତ୍ତି ସର୍ବଦା ଠିକ୍ ନ ହୋଇପାରେ । ସେଥିପାଇଁ ଭାରତ ସରକାର ଓ ପ୍ରତିରକ୍ଷା ବିଭାଗ ମେଜର ଗୌରବ ଆର୍ଯ୍ୟା ଦେଇଥିବା ପରାମର୍ଶକୁ ଅନୁପାଳନ କଲେ ଦେଶ ଲାଭାନ୍ୱିତ ହେବ । ସମସ୍ତେ ଜାଣିବା ଦରକାର, ମହାବଳ ବାଘ କେଇପାଦ ପଛକୁ ହଟିବା ପଛରେ ରହିଥିବା କାରଣ ! କେଇପାଦ ପଛକୁ ଯାଇ ଏହା ଯେତେବେଳେ ଘଣ୍ଟାକୁ ସତୁରୀ ମାଇଲ୍ ବେଗରେ ଶିକାର ଉପରକୁ ଝପଟେ, ତାର ଶରୀର ଖିନ୍ ଭିନ୍ କରିଦିଏ । ତେଣୁ ଭାରତ ଏବେ ସେହି ଭୂମିକାରେ ଅବତୀର୍ଣ୍ଣ । କେଇପାଦ ପଛକୁ ହଟିବା ଅର୍ଥ ଆଗକୁ ପାକିସ୍ତାନ ପାଇଁ ମହାବିପତ୍ତି ।

ବର୍ତ୍ତମାନ ସମୟରେ ଭାରତ ପକ୍ଷରୁ ପାକିସ୍ତାନ ସହ କୌଣସି କୂଟନୈତିକ ସମ୍ପର୍କ ଆଦୌ ରଖିବା ଉଚିତ୍ ନୁହେଁ । କାରଣ ମୁହଁରେ ମଧୁ ଭରି ଅଣ୍ଟିରେ ହଳାହଳ ବିଷ ଭରି ରହିଥିବା ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ରଖିବା ହିଁ ବୋକାମୀ । ଏଥିସହ ସମୟ ଓ ସୁଯୋଗ ଦେଖି ଭାରତକୁ ଲାଇନ୍ ଅଫ୍ କଣ୍ଟ୍ରୋଲରେ ପ୍ରଚଣ୍ଡ ପ୍ରହାର କରିବାକୁ ହେବ । ଏଭଳି ଘନ ଘନ ମିସାଇଲ୍ ମାଡ଼ କରିବାକୁ ପଡ଼ିବ ଯେ ପାକିସ୍ତାନ ବୁଝିପାରିବ ନାହିଁ ଏସବୁ କେଉଁଠୁ ଆସୁଛି ଓ କେତେ ମାତ୍ରାରେ ଆସୁଛି । ଯଦି ଆମେ ଦାବି କରୁଛୁ (ବା ପ୍ରକାରାନ୍ତରେ ଭାରତ ସରକାର ଦାବି କରୁଛନ୍ତି) ଯେ, ପାକ୍ ଅଧିକୃତ କାଶ୍ମୀର (ପିଓକେ) ହେଉଛି ଆମର, ତେବେ ଲାଇନ୍ ଅଫ୍ କଣ୍ଟ୍ରୋଲ୍ ରଖିବା, ରହିବା ଅବା ଏହାକୁ ମାନିବାର କିଛି ଅର୍ଥ ଅଛି କି ? ସମସ୍ତେ ଜାଣନ୍ତି, ଗତ ୨୨ ତାରିଖ ପହଲଗାଓଁରେ ଘଟିଥିବା ନାରକୀୟ କାଣ୍ଡ ପଛରେ କେବଳ ଆଉ କେବଳ ପାକିସ୍ତାନର ହିଁ ହାତ ରହିଛି । ତେଣୁ ପାକସ୍ତାନକୁ ଏଭଳି ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବା ଆବଶ୍ୟକ, ଯେଭଳି ଭବିଷ୍ୟତରେ ଏପରି କାଣ୍ଡ ଭିଆଇବାକୁ ସେ ଥରେ ନୁହେଁ, ଦୁଇଥର ନୁହେଁ, ଦଶ ଦଶଥର ଚିନ୍ତା କରିବ।

କାଶ୍ମୀର ହେଉଛି ଭାରତର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ନିଜ ଦେଶ ଭିତରେ ନିଜ ଅଞ୍ଚଳକୁ ଜଣେ ଦେଶବାସୀ ହିସାବରେ ଯିବାକୁ କ'ଣ ଆମମାନଙ୍କୁ ଭୟ ଲାଗିବା କଥା !ବାଲାକୋଟ ଆକ୍ରମଣର ଜବାବରେ ଭାରତ ପକ୍ଷରୁ ସର୍ଜିକାଲ୍ ଷ୍ଟ୍ରାଇକ୍ ଦ୍ୱାରା ଏହାର ଦୃଢ଼ ଜବାବ ଦିଆଯାଇଥିଲା । ତେବେ ଏହାଥିଲା ଆମର ଭୁଲ୍ । କାରଣ ଆତଙ୍କବାଦୀଙ୍କୁ ନିପାତ ନ କରି ସେମାନଙ୍କୁ ପାଳିପୋଷି ହୃଷ୍ଟପୁଷ୍ଟ କରୁଥିବା ପାକିସ୍ତାନୀ ସେନାକୁ ସମୂଳେ ବିନାଶ କରିବାର ଥିଲା । କାରଣ ପାକ୍ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବା ଏବଂ ଜୈସ୍-ଏ-ମହମ୍ମଦ ଭଳି ସଂଗଠନ ହେଉଛନ୍ତି ସାପ ଛୁଆ । କାଳନାଗୁଣୀ ତ' ହେଉଛି ପାକିସ୍ତାନୀ ସେନା । ତା'କୁ ଜଖମ କଲେ ଏମାନେ ସ୍ୱତଃ ନିର୍ମୂଳ ହୋଇଯିବେ ।

ଏହା ବୋଧହୁଏ ଖୁବ୍ କ୍ୱଚିତ୍ ଲୋକ ଜାଣନ୍ତି ଯେ ପାକିସ୍ତାନରେ ୩୦ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ମଦ୍ରାସା ରହିଛି । ଏହାବାଦ୍ ଅଣପଞ୍ଜୀକୃତ ମଦ୍ରାସାଗୁଡ଼ିକର ସଂଖ୍ୟା ତ' ଛତୁ ଫୁଟିଲା ଭଳି । ଏସବୁ ମଦ୍ରାସାଗୁଡ଼ିକରେ ଶିକ୍ଷାଲାଭର ପାଠ କମ୍ ଓ ଭାରତବିରୋଧୀ ଘୃଣାର ପାଠ ଅଧିକ ପଢ଼ାଯାଏ । ଫଳରେ ସ୍ୱାଭାବିକ ଭାବରେ ବର୍ଷ ପରେ ବର୍ଷ ସେଠାରେ ଜିହାଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆମେ ସୀମା ଏପାଖରେ ସେମାନଙ୍କୁ ଯେତେ ନିପାତ କଲେ ବି ଶାଗ ପଟାଳିରେ ପୁଣିଥରେ ଶାଗ ଉପୁଜିବା ପରି ସେମାନେ ତୁରନ୍ତ ଜନ୍ମ ହୋଇ ପଡୁଛନ୍ତି । ମନେ କରାଯାଉ, ଗୋଟିଏ ମଦ୍ରାସାରୁ ବର୍ଷକୁ ମାତ୍ର ଜଣେ ଜିହାଦୀ ବାହାରିଲା, ତେବେ ହିସାବ କରି ପାରୁଛନ୍ତି ତ, ସେମାନଙ୍କ ସଂଖ୍ୟା କେବଳ ବର୍ଷକରେ ହିଁ କେତେ ଛୁଇଁବ ? ଆଉ କହିବା ବାହୁଲ୍ୟ, ସେ ସମସ୍ତ ଜିହାଦୀଙ୍କ ସିଂହଭାଗର ମୁହଁ ଭାରତୀୟ ସୀମା ଦିଗରେ। କେଜାଣି କାଁ ଭାଁ କିଛି ଆଫଗାନିସ୍ତାନ ନତୁବା ତାଙ୍କରି ଅଧୀନରେ ଥିବା ବେଲୁଚିସ୍ତାନକୁ ମୁହାଁଉ ଥିବେ । ବାକି ତ ଭାରତ ହେଉଛି, ସେମାନଙ୍କ ଜନ୍ମଜାତ ଶତ୍ରୁ ନା! ଏହି ଗଣିତକୁ ବିଶ୍ୱାସକୁ ନେଲେ ପାକିସ୍ତାନ ଆଗାମୀ ଶହେବର୍ଷରୁ ଅଧିକ ସମୟ ଧରି ଭାରତକୁ ଆତଙ୍କବାଦୀ ପଠାଇ ଚାଲିଥିବ। ଦେଶର ଆତ୍ମାକୁ ଆଘାତ ଦେଇ ଖଣ୍ଡବିଖଣ୍ଡିତ କରି ଚାଲିଥିବ । ଏହାର କ'ଣ ଶେଷ ନାହିଁ !! ବିଗତ ୩୫ ବର୍ଷ ଧରି ପାକିସ୍ତାନ କାଶ୍ମୀରରେ ରକ୍ତର ହୋଲି ଖେଳି ଚାଲିଛି । ଯେ ପର୍ଯ୍ୟନ୍ତ ଭାରତ ତା'କୁ ନ ରୋକିଛି, ଏହି ରକ୍ତର ହୋଲି ପାକିସ୍ତାନ ଆଗକୁ ବି ଖେଳିବ ।

ଅନେକେ ତ ପ୍ରଶ୍ନ ଉଠାଇବେ, ଯଦି ପାକିସ୍ତାନ ଉପରେ ଭାରତ ଆକ୍ରମଣ କରେ, ବା ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୁଏ, ତେବେ ଥରେ ଚିନ୍ତା କରିଛନ୍ତି କି ଭାରତର କ'ଣ ହେବ ? ତେବେ ଏହି କ'ଣ ହେବ ଭାବି ଭାବି ଭାରତର ସବୁ ଆକ୍ରୋଶ, ସବୁ ପ୍ରତିଶୋଧ ନେବାର ଇଚ୍ଛା ଅତୀତରେ ପାଣି ଚିଆ ଧରିଯାଇଛି। ଇତିହାସ ଏହାର ସାକ୍ଷୀ। ପାକିସ୍ତାନ ଏହି ଆକ୍ରମଣ ଜରିଆରେ ସତେଯେମିତି ଆମକୁ ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରଶ୍ନ କରିଛି, ଆରେ ଭାରତବାସୀ, ତୁମେମାନେ ବଞ୍ଚିଛ ନା ମରିଗଲଣି ? ଆକ୍ରମଣର ଦିନକ ପୂର୍ବରୁ ଗଣମାଧ୍ୟମରେ ପାକ୍ ସେନା ମୁଖ୍ୟ ଜେନେରାଲ ଆସିଫ୍ ମୁନୀରଙ୍କ ଏକ ଅଭିଭାଷଣ ସମ୍ପର୍କରେ ଚର୍ଚ୍ଚା ହେଉଥିଲା। ଏହାରି ଆଧାରରେ ଆମକୁ ସତର୍କ ହୋଇଯିବାର ଆବଶ୍ୟକତା ଥିଲା ଯେ, ହୁଏତ ପାକିସ୍ତାନ ଖୁବ୍ ନିକଟରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ କରିପାରେ । ତେବେ ଏହାକୁ ବିଶ୍ୱାସକୁ ନେଲେ ଜେନେରାଲ୍ ଆସିଫ୍ ମୁନୀର ନିକଟରୁ ଏହାଠାରୁ ବଳି ଆଉ କ'ଣ ଆଶା କରାଯାଇପାରେ ? କାରଣ ପାକିସ୍ତାନ ପରା ଘୃଣାରୁ ସମ୍ଭୂତ ! ଅତଏବ ପାକିସ୍ତାନଠାରୁ ଆମେ ଏହା ହିଁ ଆଶାକରିବା କଥା ଯେ, ସେ ଯାହା କରିଛି ବା କରିବ, ତାହାଦ୍ୱାରା ଭାରତର ସବୁବେଳେ କ୍ଷତି ହିଁ ହେବ। ତେବେ ପାକିସ୍ତାନ କ'ଣ କରିବ, ବର୍ତ୍ତମାନ ସମୟରେ ତାହାଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଆମେ କ'ଣ କରିବା । ଭାରତ କ'ଣ କରିବ ।

ପାକିସ୍ତାନ ସହ ଯଦି ଭାରତ ସମ୍ପର୍କ ଛିନ୍ନ କରୁଛି, ତେବେ ଏହା ଶତ ପ୍ରତିଶତ ଛିନ୍ନ ହେଉ, ଆଉ ସବୁ କ୍ଷେତ୍ରରେ ହେଉ । ଏଥିରୁ କ୍ରୀଡ଼ା ଓ ଚଳଚ୍ଚିତ୍ରକୁ କାହିଁକି ବାଦ୍ ଦିଆଯିବ ? କୌଣସି ତୃତୀୟ ପକ୍ଷ ଦେଶରେ ଭାରତ କାହିଁକି ଚିରଶତ୍ରୁ ପାକିସ୍ତାନ ସହ ମ୍ୟାଚ୍ ଖେଳିବ? ୧୯୮୦ରେ ଆମେରିକା ନିଷ୍ପତ୍ତି ନେଲା ଯେ, ମସ୍କୋ ଅଲିମ୍ପିକ୍କୁ ବୟକଟ୍ କରିବ। ତାକୁ ସମର୍ଥନ ଦେଇଥିଲେ ବହୁ ୟୁରୋପୀୟ ଦେଶ। ଜବାବରେ ଏହାର ଚାରିବର୍ଷ ପରେ ୧୯୮୪ରେ ରୁଷ (ତତ୍କାଳୀନ ୟୁଏସ୍ଏସ୍ଆର) ମଧ୍ୟ ନିଷ୍ପତ୍ତି ନେଲା, ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍କୁ ବୟକଟ୍ କରିବ ଓ କଲା ମଧ୍ୟ । ଭାରତ କାହିଁକି କୌଣସି ଫର୍ମାଟରେ କୌଣସି ଦେଶରେ ପାକିସ୍ତାନ ସହ ଖେଳିବ ? ଏ କ୍ଷେତ୍ରରେ ପାକସ୍ତାନକୁ ତାହାର ଚିର ସହଚର ଚୀନ୍ ଠାରୁ ମଧ୍ୟ କୌଣସି ସହଯୋଗ ମିଳିବ ନାହିଁ । କାରଣ ପାକିସ୍ତାନର ଶୃଙ୍ଖଳା ବନ୍ଧୁତା ପାଇଁ ଭାରତ ପରି ବିଶ୍ୱ ବଜାରକୁ ଚୀନ୍ ହରାଇବାକୁ ଚାହିଁବ ନାହିଁ । ସେଇଥିପାଇଁ ତ ସାଂଘାଇ ସହଯୋଗ ସମ୍ମିଳନୀରେ ଯୋଗଦେବାକୁ ମୋଦିଙ୍କୁ ନେହୁରା ହେଉଛନ୍ତି ଜିନପିଙ୍ଗ୍ । ନିଜପାଇଁ ବଜାର ଖୋଜିବାକୁ ମାଲେସିଆ, ଭିଏତନାମ୍ ପାଖରେ ନେହୁରା ହେଉଛନ୍ତି । ମୋଦିଙ୍କ ପାଇଁ ନିଜ ଦେଶର ଗ୍ଲୋବାଲ୍ ଟାଇମ୍ ଭଳି ସମ୍ଭ୍ରାନ୍ତ କାଗଜରେ ସମ୍ପାଦକୀୟ ଲେଖି ସ୍ତବ ଗାନ କରୁଛନ୍ତି । କାରଣ ଡୋନାଲ୍ଡ ଟ୍ରମ୍ପ୍ ଚୀନର ଷ୍ଟକ୍ ମାର୍କେଟର ସତ୍ୟାନାଶ କରିଦେଇଛନ୍ତି ।

ଭାରତ ଓ ପ୍ରଧାନମନ୍ତ୍ରୀ ମୋଦି ବେଲୁଚିସ୍ତାନ ସମ୍ପର୍କରେ ଖୋଲିକରି କହିବାର ସମୟ ଆସିଛି । ୨୦୧୬ରେ ମଧ୍ୟ ମୋଦି ଏ ସମ୍ପର୍କରେ କହିଥିଲେ । ତେବେ ଭାରତ ଦୃଢ଼ ଭାବରେ ନିଜ ଷ୍ଟାଣ୍ଡ ନେଇ ନ ଥିଲା। ବଲୋଚ୍ ବିଦ୍ରୋହୀଙ୍କୁ ଭାରତ ଖୋଲା ସମର୍ଥନ ଦେବାର ଆବଶ୍ୟକତା ରହିଛି । ଲାଇନ୍ ଅଫ୍ କଣ୍ଟ୍ରୋଲରେ ଅସ୍ତ୍ର ବିରତି ନିଷ୍ପତ୍ତିକୁ ମଧ୍ୟ ପାକିସ୍ତାନ ଆତଙ୍କବାଦୀଙ୍କ ଅନୁପ୍ରବେଶ କ୍ଷେତ୍ରରେ ଭରପୂର ଉପଯୋଗ କରିଛି । ପାକିସ୍ତାନ ସେହି ଅଞ୍ଚଳରୁ ନିଜର ଅଧିକଂଶ ସେନା ପ୍ରତ୍ୟାହାର କରିନେଇଛି। କାରଣ ସେ ଜାଣେ, ଭାରତ କେବେ ନିଜ ଜବାବରୁ ଓହରିବ ନାହିଁ । ତେଣୁ ସେ ନିଜ ସେନାକୁ ପଶ୍ଚିମ ସୀମାନ୍ତକୁ ଲାଗିଥିବା ଆଫଗାନିସ୍ତାନ ପଟେ ଲଗାଇ ଦେଇଛି । ତେଣୁ ବର୍ତ୍ତମାନ ଲାଇନ୍ ଅଫ୍ କଣ୍ଟ୍ରୋଲରେ ଭାରତ ପକ୍ଷରୁ ମାଡ଼ ହେଲେ ପାକିସ୍ତାନ ସେନା ଅତର୍ଚ୍ଛା ହୋଇ ଏ ଦିଗକୁ ପଳାଇ ଆସିବ । ଫଳରେ ତା'ର ପଶ୍ଚିମ ସୀମାରେ ଆଫଗାନ୍ ତାଲିବାନ୍ ଓ ତେହରିକ୍-ଏ-ତାଲିବାନ୍ ପାକିସ୍ତାନ ଓ ବଲୋଚ୍ ବିଦ୍ରୋହୀମାନେ ପାକିସ୍ତାନର କାମ ବଢ଼େଇ ଦେବେ । ତେଣୁ ଭାରତ ଏହି କୂଟନୀତି ଆପଣାଇବାର ଆବଶ୍ୟକତା ରହିଛି ।

ସମ୍ପ୍ରତି ଭାରତ ସିନ୍ଧୁ ଚୁକ୍ତି ଉପରେ ରୋକ୍ ଲଗାଇଛି । ୧୯୬୦ ସେପ୍ଟେମ୍ବର ୧୯ ତାରିଖ ପାକିସ୍ତାନର କରାଚୀରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଓ ପାକିସ୍ତାନ ରାଷ୍ଟ୍ରପତି ଆୟୁବ ଖାଁ ମଧ୍ୟରେ ଭାରତ-ପାକିସ୍ତାନ ଜଳ ବିଭାଜନକୁ ନେଇ ହୋଇଥିଲା ଐତିହାସିକ ସିନ୍ଧୁ ଚୁକ୍ତି । ବିଶ୍ୱବ୍ୟାଙ୍କ୍ ମଧ୍ୟସ୍ଥତାରେ ଭାରତରୁ ପାକିସ୍ତାନକୁ ପ୍ରବାହିତ ସିନ୍ଧୁନଦୀ ଓ ତାର ଉପନଦୀଗୁଡ଼ିକର ଜଳକୁ ଉଭୟ ଦେଶ ମଧ୍ୟରେ ଆବଣ୍ଟନ କରାଯାଇଥିଲା । ତଦନୁଯାୟୀ ପୂର୍ବପଟର ତିନିଟି ନଦୀ ବିସ୍, ଶତଲେଜ୍ ଓ ରାବି ଉପରେ ଭାରତ ଏବଂ ପଶ୍ଚିମ ପଟର ସିନ୍ଧୁ, ଚେନାବ ଓ ଝେଲମ୍ ଉପରେ ପାକିସ୍ତାନର ନିୟନ୍ତ୍ରଣ ରହିଲା । ଯେହେତୁ ପାକିସ୍ତାନର ଅଧିକାଂଶ ନଦୀଗୁଡ଼ିକର ପାଣି ଭାରତରୁ ଆସେ, ତେଣୁ ପଶ୍ଚିମପଟର ନଦୀମାନଙ୍କ ପାଣିକୁ ଭାରତ ଜଳସେଚନ, ଜଳ ବିଦ୍ୟୁତ୍ ଉତ୍ପାଦନ, ଜଳ ପରିବହନ ଓ ମତ୍ସ୍ୟ ପାଳନ ନିମନ୍ତେ ବ୍ୟବହାର କରିପାରିବ ବୋଲି ଚୁକ୍ତିରେ ପ୍ରସ୍ତାବ ରହିଥିଲା । କୌଣସି ପ୍ରକଳ୍ପ ନିର୍ମାଣ ପାଇଁ ଭାରତକୁ କିଛି ନିୟମାବଳୀ ମାନିବାକୁ ଚୁକ୍ତିର ସର୍ତ୍ତ ଥିଲା । ସେହିଭଳି ପୂର୍ବପଟେ ଥିବା ନଦୀ ପାଣିର ଅନୁମତିପ୍ରାପ୍ତ ଅଂଶ ପାକିସ୍ତାନ ବ୍ୟବହାର କରିବା ପରେ ବଳକା ପାଣିକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରିବାକୁ ଚୁକ୍ତି ଅନୁଯାୟୀ ଭାରତକୁ ଅନୁମତି ମିଳିଥିଲା। ପୂର୍ବରେ ଥିବା ନଦୀଗୁଡ଼ିକ ପାକିସ୍ତାନ ଦିଗରେ ପ୍ରବାହିତ ହୋଇ ପୁନଶ୍ଚ ସିନ୍ଧୁ ସହିତ ମିଶିଛନ୍ତି। ଚୁକ୍ତି ଅନୁସାରେ ସ୍ଥାୟୀ ସିନ୍ଧୁ କମିଶନ(ପିଆଇସି) ପ୍ରତିଷ୍ଠା ହୋଇଥିଲା, ଯେଉଁଥିରେ ଦୁଇଦେଶରୁ ରହିଛନ୍ତି ଦୁଇଜଣ କମିଶନର । ଭବିଷ୍ୟତରେ ଜଳ ଆବଣ୍ଟନକୁ ନେଇ ମତଭେଦ ହେଲେ ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ଆଧାରରେ ଏହାର ସମାଧାନ କରିବା ସମ୍ପୃକ୍ତ କମିଶନର ଲକ୍ଷ୍ୟ । ଚୁକ୍ତି ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୫, ୧୯୭୧ ଓ ୧୯୯୯ରେ ତିନି ତିନିଟି ଯୁଦ୍ଧ ହୋଇଥିଲେ ମଧ୍ୟ କମିଶନ ଉପରେ ଏହାର ପ୍ରଭାବ ପଡ଼ି ନ ଥିଲା କି ଭାରତ ଏହି ଚୁକ୍ତିକୁ ବାତିଲ କରିବା କଥା ଚିନ୍ତା କରି ନ ଥିଲା । ମାତ୍ର ଏବେ ପାଣି ମୁଣ୍ଡ ଉପରକୁ ଉଠିଲାଣି। ବର୍ତ୍ତମାନର ନୂଆ ଭାରତର ଚିନ୍ତାଧାରା ମଧ୍ୟ ଅଲଗା। ସବୁବେଳେ ଗୋଟିଏ ପକ୍ଷ ହୋଇ ସହି ସହି ଆସୁଥିବା ଧୈର୍ଯ୍ୟଶୀଳ ଭାରତର ଧୈର୍ଯ୍ୟଚ୍ୟୁତି ଘଟିଛି । ଏହା ପାକିସ୍ତାନକୁ ହାତରେ ନ ମାରି ଭାତରେ ମାରିବାକୁ ଯଥେଷ୍ଟ !

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଧୂମାଚ୍ଛନ୍ନ

**ଶରତ ଦାଶ**



ବିହିଗଲା ଆଖିରୁ ନିର୍ଗତ
ଯେଉଁ ଲୁହ ଗଣ୍ଡଦେଶ ଦେଇ
କେ ଦେବ ତାହାର ମୂଲ୍ୟ
କିଏ ତାକୁ ପାରିବ ଫେରାଇ ।।

ଯେଉଁ କାଳ ଗଲା ବିତି
ବିନା ସିଦ୍ଧି ବିନା ତପସ୍ୟାରେ
ଫେରାଇ ପାରିବ କିଏ
ସେ ସମୟ ସରିଗଲା ପରେ ।।

ଯେଉଁ ସ୍ନେହ ହୋଇ ପ୍ରେମ
ପ୍ରଣୟରେ ଲଭିଲା ସମାପ୍ତି
କିଏ ସେ ଦେବ ଫେରାଇ
ସେ ପ୍ରେମର ହେଲାପରେ ଇତି ।।

କିଏ ସେ ଦେବ ଫେରାଇ
ପିଲାଦିନ ବୋହୂଚୋରି ଖେଳ
କୁମାରପୁନେଇଁ ରାତି
ବର୍ଷାଦିନ ଶୀତୁଆ ସକାଳ ।।

ରଜ ପର୍ବ ଦୋଳ ଯାତ
ସେ ଉଲ୍ଲାସ ଶୀତଳଷଷ୍ଠୀର
କିଏ ସେ ଦେବ ଫେରାଇ
ମଧୁଝରା କାଳ ତାରୁଣ୍ୟର ।।

କାହିଁ ଗଲା ହଜି ସବୁ
ଯାହା ଦିନେ ଲାଗୁଥିଲା ଭଲ
ପ୍ରେୟସୀର ଅଙ୍ଗ ସ୍ପର୍ଶେ
ହେଉଥିଲା ସ୍ୱପ୍ନ ଝଲମଲ ।।

ନାହିଁ ସେ କାକରଭିଜା
ସକାଳର କାଉଁରୀ ପରଶ
ପଛକୁ ଚାହିଁଲେ ସବୁ ଧୂମମୟ
ହୁଏନାହିଁ ଦୃଶ୍ୟ ।।

*ଭୁବନେଶ୍ୱର*

## ଅଦିନିଆ ବର୍ଷା

**ଆଦ୍ୟାଶା ମହାପାତ୍ର**

ଅଦିନ ବର୍ଷାରେ ସବୁ ଭିଜା ଭିଜା
ମନରେ ଜଳୁଛି ନିଆଁ
ନିନ୍ଦା ଅପବାଦ ନାଗରା ବାଜଇ
ଛାତିରେ କୁହୁଳେ ଧୂଆଁ ।।

ରାସ୍ତା ସେପଟରେ ଅଧା ଅନ୍ଧାରରେ
ପଣ୍ୟ ହୁଏ କା'ର ଦେହ
ପାପ ପୁଣ୍ୟର ହିସାବ ନ ଦେଖେ
ତୁଚ୍ଛା ଏକ ଅଭିନୟ ।।

ସଞ୍ଜ ନହେଉଣୁ ଦୃଷ୍ଟି ଆଢୁଆଳେ
ଜମାଟ ବାନ୍ଧୁଛି ରାତି
କିଏ ସେଇ ଦୁଃଖୀ ସୁଖ ଦାନ କରେ
କୋହେ ଜରଜର ଛାତି !!

ଘୋର ବରଷାରେ ଭୋକ ବିକଳରେ
କିଏ ସେ ଆଉଟି ହୁଏ
ମଉଳା ହସର ପସରା ମେଲାଇ
କାହା ଭୋକ ମାରୁଥାଏ ।।

ଆକାଶେ ଘୋଟିଛି କୃଷ୍ଣକାୟ ମେଘ
ବହେ ଅଣଚାଶ ବାଆ
ମାରେ ରହି ରହି ଚଡ଼କ ବିଜୁଳି
ଚମକେ ଦୁଃଖିନୀ ହିଆ ।।

ଲଗାଣ ବରଷା ଦାଉ ସାଧେ ଆଜି
ଲାଗିଯାଏ ପେଟ ପିଠି
ସ୍ୱପ୍ନଟେ ଚେଇଁଛି ପଲିଥିନ୍ ତଳେ
ଲିଭି ଲିଭି ଆସେ ବତୀ ।।

ଅଦିନିଆ ବର୍ଷା ଏମିତି ନ ଆସୁ
ଝରାଇବାକୁ କା' ଲୁହ
ଆସିଲେ ବି ଆସୁ ଉଜୁଡା ଜୀବନେ
ଜାଗିଉଠୁ ମହାମୋହ ।।

*ନୂଆପଡା, କଟକ*

## ଶବ ଭିତରୁ ବି ମୋ ସ୍ୱର ଶୁଭିବ

**ସୁଜିତ୍ କୁମାର ମିଶ୍ର**



ବିଇଶାଖ ତାତି ଅବା ଜାଡ ଶୀତ
କରୁ ପଛେ ମୋତେ ଶବ,
ଶବ ଭିତରୁ ବି ମୋ ସ୍ୱର ଶୁଭିବ
ଯାହା ତୁମ ବଇଭବ ।

ସଜାଏ ତୁମକୁ ଶରୀରକୁ ଭାଙ୍ଗି
ତୁମେ ଭବ୍ୟ ସାଜସଜା,
ମରଣକୁ କିନ୍ତୁ ବରୁଥାଏ କ୍ଷଣେ
କାହିଁକି ଯେ କାରାସଜା ?

ଉଚ୍ଚ ଇମାରତ କୀର୍ତ୍ତି କୋଣାରକ
ଏ ଦେହର ଅବଦାନ,
ଜଳିଛି ହେଲେବି ଜଳାଇଛି ଦୀପ
ଛାତି ତଳୁ ପ୍ରତିକ୍ଷଣ ।

ଶସ୍ତା ଶବଦରେ କିଣନାହିଁ ମୋତେ
ମୁଁ କି ମାଛ, ଅଣ୍ଡା, ଶାଗ,
ମନ ଆକାଶରୁ ଝରୁଥାଉ ତୁମ
ମୃଦୁ ନୀଳ ଅନୁରାଗ ।

କେଜାଣି କାହିଁକି ମଇ ମାସ ଆସେ
ବରଷାକୁ ସାଥେ ନେଇ,
ବରଷାରେ କିନ୍ତୁ କୁଣ୍ଡାଝଡା ଖାଲି
ମାଟି ଦେହ ଭିଜେ ନାହିଁ ।

କା ଶରୀର ଏଠି ମେଦ ବହୁଳ ଯେ
କାହାର କଙ୍କାଳ ରୂପ,
ଶ୍ରମ ଶ୍ରମିକଙ୍କୁ ପୂଜିବା ପାଇଁକି
ସମୟ ମହଙ୍ଗା ଧୂପ ।

ଆଖି କୋଣୁ କିଛି ଅଶ୍ରୁ ଢ଼ାଳି ଦିଅ
କାନ୍ଦୁଥିବା ଆଖି କୋଣେ,
ଅଗଣାରୁ ଦୁଃଖ ଶୁଖିବ ସହସା
ସରାଗର ଶିହରଣେ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



## ଖଟିଖିଆ ଠକଖିଆ

**ସୁଧୀର କୁମାର ଦାସ**

ଖଟିଖିଆ ଖଟି ଖଟି ଜୀବନ କାଟୁଛି
ଦାଦନ ଶ୍ରମିକ ହୋଇ ସଂଘର୍ଷ କରୁଛି ।
ଖଟିଖିଆ ବୁଝାଏ ନାହିଁ ଗଣତନ୍ତ୍ର ଅର୍ଥ
ଯେଉଁ ସରକାର ଅଛି ଅଜଣା ବହୁତ ।
ଖଟିଖିଆ ପାଇଁ ହୁଏ ଉନ୍ନତିର ଧାରା
ତା ପାଇଁ ତ ଠକିଖିଆ ବଞ୍ଚୁଛି ବିଚରା ।
ବାବୁ ହୋଇ ସମାଜରେ ଆଦର୍ଶ ଦେଖାନ୍ତି
ଖଟିଖିଆ ଖଟି ଖଟି ସଲାମ ମାରନ୍ତି ।
ପଞ୍ଚାଏ ଧର୍ମ ନାମରେ ମିଛ ପ୍ରବଚନ
ଜ୍ଞାନୀ, ଗୁଣୀ ରୂପ ଧରି ଠକିବାରେ ମନ ।
ଖଟିଖିଆ ସମାଜର ମୁଖ୍ୟ ମେରୁଦଣ୍ଡ
ଠକି ଖିଆ ବହୁ ରୁପୀ ସବୁ ଯାକ ଭଣ୍ଡ
ଖଟି ଖିଆ ଠକେ ନାହିଁ ଖଟେ ନିରନ୍ତର
ଅଭାବ ଭିତରେ ଦେଖେ ଭାବର ସଂସାର ।

*ତରାବୋଇ, କଟଣୀ*
*ମୋ- ୯୩୩୭୩୩୫୮୩୮*

## ସ୍ମୃତି ତୁମେ

**ରମାକାନ୍ତ ଦାସ**

ସ୍ମୃତି ତୁମେ ଆଜି
ନିରାଶାର ବାଲିଘର
ପ୍ରଣୟର ପରିଭାଷା
ସ୍ମୃତି ତୁମେ ସେଇ
ଅତୀତର ପ୍ରତିଶୃତି
ଭାଙ୍ଗିଯାଇଥିବା ଆଶା ।।

ସ୍ମୃତି ତୁମେ ଆଜି
ଅବୁଝା ଫଗୁଣ ସାଥି
ରଙ୍ଗଭରା ପ୍ରେମ ଅବିର
ସ୍ମୃତି ତୁମେ କେବେ
ନିଶୀଥ ଯୋଛନା
ନିର୍ଭୀକ ଅଭିସାର ।।

ସ୍ମୃତି ତୁମେ ସେଇ
ନୀଳ ସାଗର ଶାମୁକା
ଗୀତଟିଏ ଝରଣାର

ସ୍ମୃତି ତୁମେ ଆଜି
ଝଡି ବରଷାର ରାତି
ଅବୁଝା ମନର ସ୍ୱର ।।

ସ୍ମୃତି ତୁମେ ମୋର
ଜୀବନ ବିତାନେ
ଫଗୁଣ କୋକିଳ ଗୀତି
ସ୍ମୃତି ତୁମେ ଆଜି
ନିଦାଘର ଘରେ
ଲିଭିଯାଇଥିବା ପ୍ରେମବତୀ ।।

ସ୍ମୃତି ତୁମେ ଆଜି
ନିଶବ୍ଦ ନିଶିରେ
ପଲକେ ଉଙ୍କିମାରୁଥିବା ସ୍ୱପ୍ନ
ସ୍ମୃତି ତୁମେ ଆଜି
ବିରହ ବେଦନା
ତୁମ ଭାବନାରେ ଜଳେ ମନ ।।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

## ନିଜ ପାଇଁ କବିତା

**କବିତା ମହାନ୍ତି**





କବିତା ଲେଖୁ ଲେଖୁ
ଲେଖି ହୋଇଯାଏ
ପ୍ରଥମ କବିତା ବୋଉର
ଦ୍ୱିତୀୟ ବାପାଙ୍କର
ତୃତୀୟ ପିଲାଙ୍କ ପାଇଁ
ଏବେ ନାତି ନତୁଣୀଙ୍କ ପାଇଁ

କେବେ ଫୁଲ ପାଇଁ
କେବେ ଗଛ ପାଇଁ
ଆଉ କେବେ ଆକାଶ ତ
କେବେ ସମୁଦ୍ର ବେଳା ଭୂଇଁ

କିଛି କଥା ଟିକି ଚଢ଼େଇଟି ନେଇଯାଏ
ଯିଏ ସକାଳୁ ସକାଳୁ ଦାନା ଦୁଇଟା ପାଇଁ
ଦୁଆର ଠକ୍ ଠକ୍ କରୁଥାଏ

ଅଦିନ ମେଘ ହେଉ କି
ଝାଞ୍ଜି ପବନ
କାଳ ବୈଶାଖୀ ହେଉ ଅବା
ହାଡ ଭଙ୍ଗା ଶୀତ

କାକର ଭିଜା ଘାସର ଗାଲିଚା ହେଉ
କି କୁହୁଡି ଭରା ସକାଳଟିଏ
କଲମରେ କାଳି ଭରିଦିଏ
କବିତା ଲେଖି ହୋଇଯାଏ

ସବୁ ଭାବ
ସବୁ ଶବ୍ଦ
ସବୁ ଆବେଗ ସରିଗଲା ପରେ

ମୋ ପାଇଁ କିଛି ବଞ୍ଚିଛି କି !!
କାହାକୁ ନେଇ ଲେଖିବି ମୋ ନିଜ ପାଇଁ
କବିତା ଟିଏ !!
ସମୟ, ସମ୍ପର୍କ, ଶବ୍ଦ, ମୋହ,
ଆବେଗ ନା ଆଉ କିଛି ବାକି ଅଛି !

ଏକ ସମ୍ମୋହନରେ ହଜି ଯିବାକୁ ଇଚ୍ଛା
ସମୟକୁ ଫେରାଇ ନେବାକୁ ଇଚ୍ଛା
ସବୁ ଇଚ୍ଛା ପୂରଣ ହୁଏନି ବୋଲି ତ
ଜୀବନ ଏକ ଯନ୍ତ୍ରଣା

ନ ହେଉ ପ୍ରେମ କବିତା ପଛେ
ଲେଖିଯିବି ନିଜ ପାଇଁ କବିତା ଟିଏ
ଜୀବନ ଯନ୍ତ୍ରଣାର
ବାକି ବଞ୍ଚିଥିବା ସମୟ, ଶବ୍ଦ ଓ ସମ୍ପର୍କର ।

*ନିଗମାନନ୍ଦ ନଗର, ବମିଖାଲ, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

## ଭୁଲ୍ ଠିକ୍

**ବିନୟ କୁମାର ମିଶ୍ର**



ଯିଏ ଭାବୁଥିବ ଦୁନିଆଟା ଭୁଲ୍
କେବଳ ମୁଁ ହିଁ ଠିକ୍,
ନିଜର ତାହାର କେହି ରହିବେନି
ଲୁଚି ଯିବ ତା ବିବେକ ।

ସବୁ ସମ୍ପର୍କ ତା ଭାଙ୍ଗିଯିବ ବେଗେ
ଆତ୍ମୀୟ ନ ଥିବେ କେହି,
ଗର୍ବ ଅଭିମାନ ବୀଜ ଏହି ଗୁଣ
ଦେବତା ନ ପାରେ ସହି ।

ଜୀବ ମାତ୍ରେ ଭୁଲ୍ ଜନମ ମରଣ
ଚକ୍ରରେ ଚାଲି ଆସିଛି,
ଭ୍ରମ ପ୍ରମାଦ ଯେ ବିପ୍ରଲିପ୍ସା ଭାବ
କରଣା ପାଟବ ଅଛି ।

ବିଚାର ବିହୀନ ନିଷ୍ପତ୍ତିଟି ଭ୍ରମ
ଦୃଷ୍ଟିଭଙ୍ଗୀରୁ ପ୍ରମାଦ,
ଆବଶ୍ୟକତାରୁ ଅଧିକ ଆଶାଟି
ଏତେ ବିପ୍ରଲିପ୍ସା ଭାବ ।

ଇନ୍ଦ୍ରିୟ ସଂଯମ କ୍ଷମତା ଅଟଇ
କରଣା ପାଟବ ଗୁଣ,
ଜିହ୍ୱା ମଧ୍ୟେ ଅସ୍ଥି ଥିଲେ କେ କହଇ
ମୁଁ ଠିକ୍ ବୋଲି ଜାଣ ।

*ନିଆଳ, ଖୋର୍ଦ୍ଧା*

## ତା' ପାଇଁ କିଛି

**ଲୋପାମୁଦ୍ରା ନାୟକ (ମିତାଲି)**

କାହିଁ କି କେଜାଣି ସେ ଆଜି ଭାରି ମନେପଡେ,
ଏ ମନ ଟା ଯେମିତି ତାକୁ ବାରମ୍ବାର ଖୋଜେ,
ସେ ଦିନ ସେ ସିନା ମୋତେ ହରେଇ ଦେଇଗଲା,
ଟିକେ ମୁରୁକି ହସି ତା ପ୍ରେମରେ ବାନ୍ଧି ଦେଲା,
ଏବେ ମୁଁ ପ୍ରତିଥର ହାରେ, ତଥାପି ସେ ହାରିବା ଖୁସିଦିଏ ।

ଏବେ,
ଏ ଦୁନିଆ ଟା ତାର,
ପୃଥିବୀର ସବୁତକ ପ୍ରେମ ତା ହାତ ପାପୁଲିର ଗୋଟେ ଗୋଟେ ସଳଖ ରେଖା,
ସେ ଏବେ ଅକ୍ତିଆର କରିସାରିଛି ପ୍ରେମର ସବୁତକ କଳା,
ନଦ-ନଦୀ, ପାହାଡ-ଝରଣା ଏମିତିକି ପ୍ରେମର ସବୁତକ ଆକାଶକୁ ସେ ପଟ୍ଟା କରିସାରିଛି ତା' ନାଁ ରେ ।

ସେ ଏବେ 'ପ୍ରେମିକକବି' ବୋଲି ଭାରି ଚର୍ଚ୍ଚା !
ଯିଏ ଆଜି ବି ଲୁଚେଇ ରଖେ କିଛି ବର୍ଷ ତଳ ପ୍ରେମିକାର ନାଁ,
ବେଳେ ବେଳେ ବେଫିକର ଭାବେ କହିଦିଏ
ନଦୀ ତାର ଗାଁ ! ଜହ୍ନର କଳଙ୍କ ସବୁ ତା' ପ୍ରେମିକା ।
ତଥାପି ସେ ହସେ, ପ୍ରେମ କବିତାରେ ତା ପ୍ରେମିକା ଦିଶେ,
ତଥାପି ତା ଅବସୋସ କିଛି ଆଜି ମୋ ପାଖେ ଦିଶେ ।

ମୁଁ ହାରି ଚାଲେ ତା ପାଖେ,
ସହରର କୋଳାହଳ ଭିତରେ ଆଜି ଯିଏ ଏକଲା ବସେ ।
ତଥାପି, ମୁଁ ଖୁସି ହୁଏ !
ପ୍ରତିଦିନ ମୋ ପାଇଁ ଉଠୁଥିବା ଜହ୍ନଟାକୁ
ଏବେ ତା ପାଖକୁ ପଠାଇଦେଇ କହେ
କହିଲ ଦେଖି, ଏବେ ଜହ୍ନରେ କାହା ମୁହଁ ଦିଶେ ?

ସେ ଆଇନାକୁ ଦୋଷ ଦିଏ !
ଜହ୍ନ ନୀରବରେ ମତେ ପଚାରିବାକୁ କହିଦେଇ
ଲୁଚିଗଲା ବୋଲି କହିଦିଏ ।
ଏବେ ତମେ କୁହ ! ଜହ୍ନ କଣ କହେ ?
ଲୁଚକାଳି ଖେଳି ଏବେ ତମ ପାଖେ ଗୋଲାପ ଫୁଟାଏ !

ଡର ଆଜି ତାକୁ ବି ଲାଗେ
ଅଜାଣତରେ କିଛି କହିଦେଇ, ଆଖି ଦୁଇଟାକୁ ଚୁପ୍ କରାଇଦିଏ ।

ସେ ଏବେ ଏବେ ବୁଝି ସାରିଚି,
ଆଖି ଦେଖି ମୁଁ ପଢ଼ିନିଏ ତାକୁ
ମିଛକୁ ସତ କହି, ସେ ବି ଆଜି ହାରେ ମୋ ପାଖେ ।

ସେଥିପାଇଁ ଆଜିକାଲି ମୋ ଗାଁ ସନ୍ଧ୍ୟାଟା ତା'ପାଖରୁ ଆରମ୍ଭ ହୁଏ,
ମୁଁ ହାରିଚାଲେ, ସରିଚାଲେ, ଠିକ୍ ଦୀପ ଟି ପରି
ତଥାପି ଚୋଉରା ମୂଳେ ଦୀପ ଜାଳି ଶୁଭ ମନାସେ ତା ନାଁ'ରେ ।

*କଳିଙ୍ଗନଗର, ଯାଜପୁର*

## ଛାତି ତଳର କୋହ-୨



**ବିଷ୍ଣୁ ପ୍ରସାଦ ଦାସ**



ଅନୁପମ୍ କଲିକତା ଫେରି ନିଜ ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିଯାଇଥିଲା, ଦିନେ ସେ ଶୁଭ୍ରା ଠାରୁ ଫୋନ୍ ପାଇଲା । କିଛି ସମୟର ବାର୍ତ୍ତାଳାପ ପରେ ଅନୁପମ ଶୁଭ୍ରାକୁ ଅଲିଭା ବିଷୟରେ ପଚାରିଲା । ଶୁଭ୍ରା କହିଲା ଅଲିଭା ଦିଦି ତୁମ କଥା ଶୁଣି ପ୍ରଥମେ ଖୁବ୍ ରାଗି ଯାଇଥିଲା ତା'ପରେ ଖୁବ୍ କାନ୍ଦିଲା । ନିଜକୁ ନିଜେ ଧିକ୍କାର କଲା । ସେ ତୁମ ବିନା ବଞ୍ଚିବା ଶିଖି ଯାଇଛି ତା' ଜୀବନରେ ଆଉ କାହାରି ଛାଇ ମଧ୍ୟ ସେ ପଡ଼ିବାକୁ ଦେବନି ବୋଲି କାନ୍ଦି କାନ୍ଦି କହିଲା । ମାମୁନି ତାର ଜୀବନ, ତାର ଏକମାତ୍ର ସାହା ଭରସା । ସେ ବାକିଟା ଜୀବନ ମାମୁନି ସହିତ କଟାଇ ଦେଇପାରିବ । ତେବେ ଅନୁପମ ଦା ମୁଁ ତ କଲିକତା ପ୍ରେସିଡେନ୍ସି କଲେଜ୍ ହଷ୍ଟେଲ୍‌ରେ ରହି ପଢୁଥିଲି । ତୁମେ କୁହ ତୁମ ଦୁଇଜଣଙ୍କ ଜୀବନର ଗୋପନ କଥା ଦୁର୍ଗାପୁରରେ ତୁମେ ଆଉ ଦିଦିଙ୍କ ଭିତରେ ଗଢି ଉଠିଥିବା ସମ୍ପର୍କ ଏବଂ ମାମୁନିର ପ୍ରକୃତ ପିତା କିଏ ? ଏ ସବୁ ଜାଣିବା ପାଇଁ ମୁଁ ଖୁବ୍ ଆଗ୍ରହୀ । ଅନୁପମ ଟିକେ ବିଚଳିତ ହେଇ କହିଲା, ଶୁଭ୍ରା, ନିଶ୍ଚୟ କହିବି ମୁଁ ଏତେଦିନ ଧରି ଛାତି ତଳେ ରଖିଥିବା ଗୋପନ ବେଦନାକୁ ନିଶ୍ଚିତ ଲୋକ ଲୋଚନକୁ ଆଣିବି । ତେବେ ଯଦି ସମୟ ଅଛି ଶୁଣ...

ତୁମ ଘର ପାଖ ପେଇଙ୍ଗ ଗେଷ୍ଟ ହାଉସ୍‌ରେ ରହୁଥିଲି । ଅନେକ ସମୟରେ ତୁମ ଛାତ ଉପରେ ସୁନ୍ଦରୀ ଝିଅଟିଏ ବୁଲିବା ଦେଖୁଥିଲି । କିଛିଦିନ ପରେ ଦୁହେଁ ଦୁହିଁଙ୍କ ଆଡକୁ ଆକର୍ଷିତ ହୋଇ ଉଠିଲୁ ସେଇ ଝିଅଟି ତୁମ ଦିଦି ଅଲିଭା ଥିଲା । ସମ୍ପର୍କ ବନ୍ଧୁତ୍ୱରୁ ଆରମ୍ଭ ହୋଇ ଧୀରେ ଧୀରେ ନିବିଡ଼ ହେବାକୁ ଲାଗିଲା । ଥରେ ଦୁଇଥର ତୁମ ଘରକୁ ଯାଇଛି ମଉସା ମାଉସୀଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରିଛି । ଚା' ଜଳଖିଆ ଖାଇଛି । ମୋ' ପରିବାର ବିଷୟରେ ସେମାନେ ପଚାରିଛନ୍ତି ମୁଁ ମଧ୍ୟ ସବୁ କହିଛି । ସେତେବେଳେ ମୋର ମା' ଏକା କଲିକତା ଘରେ ରହୁଥିଲେ । ବାପାଙ୍କର ଦେହାନ୍ତ ହୋଇଯାଇଥିଲା । ମୁଁ ଆମ ଘରର ଗୋଟିଏ ମାତ୍ର ସନ୍ତାନ । ନିଜ ଘର କଲିକତାରେ ତେଣୁ ଭଡା ଦେବାକୁ ପଡେନାହିଁ । ମୁଁ ପ୍ରତି ଶନିବାର କଲିକତା ଯାଇ ମୋ' ମା'ଙ୍କ କଥା ବୁଝି ପୁଣି ସୋମବାର ଫେରି ଆସୁଥିଲି । ଅଲିଭା ସହିତ ମୋର ମିଳାମିଶା ବଢି ଚାଲିଲା । ନିଆଁ ଆଉ ଘିଅ ପାଖ ପାଖି ରହିଲେ ଯାହା ହୁଏ ସେହି ଅବସ୍ଥା ଦିନେ ହୋଇଗଲା । ଦିନକର କଥା ମୋର ଅଫିସ୍ ଛୁଟିଥାଏ ମୁଁ ଘରେ ବିଶ୍ରାମ ନେଉଥାଏ ସେହି ସମୟରେ ଅଲିଭାର ଫୋନ୍ ପାଇଲି । ଅନୁପମ କ'ଣ କରୁଚ ? ଆଜି କ'ଣ ତୁମର ଛୁଟି କି ? ମୁଁ ହଁ କହିବାରୁ ସେ କହିଲା ଆସ ଆଜି ତୁମ ବାଇକ୍‌ରେ ମାଇଥାନ୍ ଡ୍ୟାମ୍ ବୁଲିଯିବା । ଦୁର୍ଗାପୁର ଠାରୁ ପ୍ରାୟ ୬୫ କିଲୋମିଟର ମାଇଥାନ୍ ଡ୍ୟାମ୍, ଏତେଦୂର କ'ଣ ତୁମେ ବାଇକ୍‌ରେ ଯାଇପାରିବ ? ଅଲିଭା ହଁ, ରେ ଉତ୍ତର ଦେଇଥିଲା । ଦୁହେଁ ପ୍ରାୟ ୧୦ଟା ବେଳେ ବାହାରିପଡିଲୁ । ଶୀତଦିନ ଖୁବ୍ ସୁନ୍ଦର ପାଗ ଥିଲା । ଅଲିଭା ଗୋଟିଏ ନୀଳ ରଙ୍ଗର ସଲ୍‌ୱାର୍ କାମିଜ୍ ପିନ୍ଧି ଥିଲା । ସେ ସ୍ୱର୍ଗର ଅପସରା ପରି ପ୍ରତୀୟମାନ ହେଉଥିଲା । ସେଦିନ ମୁଁ ଧଳା ଟିସାର୍ଟ ସହିତ ସବୁଜ ଜିନ୍ସ ପିନ୍ଧିଥିଲି । ମୁଁ ଜଳ ସେଚନ ବିଭାଗର ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲି ତେଣୁ ମୁଁ ମାଇଥନ୍ ଡ୍ୟାମ୍ ଠାରେ ଥିବା ଇଞ୍ଜିନିୟରଙ୍କୁ କହି ଗେଷ୍ଟ ହାଉସ୍‌ଟି ବିଶ୍ରାମ ପାଇଁ ବୁକ୍ କରିଦେଇଥିଲି ତଥା ମଧ୍ୟାହ୍ନ ଭୋଜନର ବନ୍ଦୋବସ୍ତ ମଧ୍ୟ କରିଥିଲି । ଆମେ ପ୍ରାୟ ୧୨ଟା ସମୟରେ ପହଞ୍ଚି ଟିକେ ବିଶ୍ରାମ ନେଇଥିଲୁ । ଗେଷ୍ଟ ହାଉସ୍‌ଟି ଖୁବ୍ ଆରାମ ଦାୟକ ଥିଲା । ପ୍ରାୟ ୧ଟା ସମୟରେ ଆମକୁ ଲଞ୍ଚ ମିଳିଗଲା । ବିଭାଗୀୟ ଯନ୍ତ୍ରୀ ହିସାବରେ ସେଠାରେ ମୋର ଖୁବ୍ ଖାତିର ଥିଲା । ସରକାରୀ ଜିପ୍ ଗାଡ଼ିଟି ଆମକୁ ବୁଲାଇ ନେବାକୁ ଆସି ଯାଇଥିଲା । ଆମେ ମନଭରି ଜଳ ଭଣ୍ଡାର ତଥା ନିକଟବର୍ତ୍ତୀ ପ୍ରାକୃତିକ ପରିବେଶ ବୁଲା ବୁଲି କରି ସନ୍ଧ୍ୟାରେ ଗେଷ୍ଟ ହାଉସ୍ ଫେରି ଟିକେ ବିଶ୍ରାମ ନେଇଥିଲୁ । ହଠାତ୍ ନିର୍ମଳ ଆକାଶ ମେଘାଚ୍ଛନ୍ନ ହୋଇଗଲା । ଭୀଷଣ ବର୍ଷା ଆରମ୍ଭ ହୋଇଗଲା । ଅଗତ୍ୟା ଦୁର୍ଗାପୁର ଫେରିବାର ଆଶା ଛାଡ଼ି ଇଚ୍ଛା ବିରୁଦ୍ଧରେ ସେଠାରେ ରାତ୍ରି ଯାପନ କରିବାର ନିଷ୍ପତ୍ତି ନେଇଥିଲୁ । ଅଲିଭା ସେଦିନ ମାଉସୀଙ୍କୁ ମିଛ କହି ମୋ ସହିତ ରହିଥିଲା । ରାତ୍ରି ଭୋଜନ ପରେ ଅଗତ୍ୟା ଗୋଟିଏ ଡବଲ୍ ବେଡ୍‌ରେ ଦୁଇଜଣ ବିଶ୍ରାମ ନେଇଥିଲୁ । ପ୍ରକୃତିର ନିୟମ, ବର୍ଷାର ରୋମାଞ୍ଚକର ଟିପ୍ ଟିପ୍ ଶବ୍ଦ, ରହି ରହି ବିଜୁଳିର ଝଲକ, ଆମ ଦୁହିଁଙ୍କ ସଞ୍ଜମତାକୁ ଧୂଳିସାତ୍ କରିଦେଇଥିଲା । ପରସ୍ପର ଠାରୁ ଦୂରେଇ ରହିବାର ଅପଚେଷ୍ଟା ଶେଷରେ ଦୈହିକ ମିଳନର ରୂପ ନେଇଥିଲା ।

ଆମ ଦୁଇଜଣଙ୍କ ଜୀବନରେ ସେଦିନ ପ୍ରଥମ ଥର ପାଇଁ ଶରୀର ସୁଖକୁ ଅନ୍ତର ସହିତ ଅନୁଭବ କରିଥିଲୁ । ଦୁଇଟି ଉଷ୍ଣ ଶରୀର ଏକ ହୋଇ ଆକାଶରେ ବର୍ଷା, ବିଜୁଳି, ଘଡଘଡିକୁ ଉପଭୋଗ କରିବାର ଅନୁଭୂତି ଅନନ୍ୟ ଥିଲା । ଭୋର୍ ସମୟରେ ମୋର ନିଦ ଭାଙ୍ଗି ଗଲା । ଅଲିଭା ନିଶ୍ଚିନ୍ତରେ ଶୋଇଥାଏ । ମୁଁ ଅଲିଭାକୁ ଡାକି ଉଠାଇବା ପରେ ଦୁଇଜଣ ଜଳଖିଆ ଖାଇ ଦୁର୍ଗାପୁର ଫେରି ଆସିଲୁ । ଜାଣେନା କାହିଁକି ଫେରିବା ରାସ୍ତାରେ କେହି କାହା ସହିତ ପଦୁଟିଏ କଥା ହୋଇନଥିଲୁ । ହୁଏତ ନିଜ ଭୁଲ୍ ପାଇଁ ନିଜେ ଅନୁତପ୍ତ ହେଉଥିଲୁ ବା ଭବିଷ୍ୟତ ପାଇଁ ଚିନ୍ତା କରୁଥିଲୁ ତାହା ବର୍ତ୍ତମାନ ମୋର ମନେ ପଡୁନାହିଁ ।

ପରଦିନ ଅଲିଭା ଫୋନ୍ କରି କହିଥିଲା ଅନୁପମ ଏବେ କ'ଣ ଚାହୁଁଛ ? ଆମେ ବିବାହ କରିବା ନା ଗତ କାଲିର ଭୁଲ୍‌କୁ ଭୁଲିଯାଇ ନିଜ ନିଜ ବାଟରେ ସ୍ୱାର୍ଥପର ଭାବେ ଚାଲିଯିବା ? ମୁଁ ଅଲିଭାକୁ କଥା ଦେଇଥିଲି ନିଶ୍ଚିତ ବିବାହ ପ୍ରସ୍ତାବ ନେଇ ତୁମ ଘରକୁ ଯିବି, ତେଣିକି ତୁମ ବାପା ମା'ଯାହା ନିର୍ଣ୍ଣୟ ନେବେ ସେଥିରେ ମୁଁ ସମ୍ମତି ପ୍ରଦାନ କରିବି । ରବିବାର ଦିନ କିଛି ମିଠା ଧରି ତୁମ ଘରକୁ ଯାଇଥିଲି । ମଉସା ମାଉସୀଙ୍କୁ ସବୁ ବୁଝାଇ କହିଲି କିନ୍ତୁ ଫଳ ଓଲଟା ହେଲା । ତୁମେ ବ୍ରାହ୍ମଣ ଆଉ ଆମେ କରଣ ତେଣୁ ବିବାହ ହୋଇପାରିବନାହିଁ ବୋଲି ତୁମ ବାପା ରୋକ୍ ଠୋକ୍ ମନା କରିଦେଲେ । ମୁଁ ଅଲିଭା ଦୁହେଁ ଅନେକ କାକୁତି ମିନତି ହୋଇଛୁ, ପାଦ ଧରିଛୁ, କିନ୍ତୁ ଶେଷରେ ନିରାଶ ହୋଇଥିଲୁ । ମୁଁ ନିଜକୁ ଖୁବ୍ ଲଜ୍ଜିତ ମନେ କରୁଥିଲି । ଶେଷରେ ଏକମାସ ଛୁଟି ନେଇ କଲିକତା ଚାଲିଯାଇଥିଲି । ମା' ଏବଂ ମାମୁଁ ମିଶି ମଧୁମିତା ସହିତ ମୋର ବିଭାଘର ଠିକ୍ କରିଦେଲେ । ପ୍ରଥମ ଦେଖାରେ ମୁଁ ମଧୁମିତାକୁ ଜୀବନର ସବୁ ଗୋପନ ସତ୍ୟ କହିଦେଇଥିଲି ଏବଂ ଅନୁରୋଧ କରିଥିଲି କି ଏହି ଗୋପନ କଥା କୌଣସି ପରିସ୍ଥିତିରେ ଯେପରି ପ୍ରଘଟ ନହୁଏ । ମଧୁମିତା ମଧ୍ୟ ମୋତେ କଥା ଦେଇଥିଲା ଏବଂ ସେ ତାର ପ୍ରତିଜ୍ଞା ପାଳନ କରୁଛି । ତା'ପରେ ବଦଳି ହୋଇ କଲିକତା ଚାଲିଆସିଲି । ସେହିଦିନଠାରୁ ଆଉ କେବେ ଦୁର୍ଗାପୁର ଯାଇନାହିଁ । ଏଥର ତୁମେ ଅଲିଭା କଥା କହିପାର .....

ଦାଦା, ତୁମେ ଆସିବା ପରେ ବାପା ମୋତେ ଖବର ଦେଲେ ମୁଁ ଦୁର୍ଗାପୁର ଆସି ସବୁ ଶୁଣିଲି । ଦିଦିର ଏକା ଜିଦ୍ ସେ ତୁମକୁ ବାହା ହେବ ନଚେତ୍ ଆଦୌ ବାହାହେବନାହିଁ । ବାପା, ମା' ଖୁବ୍ ଅଡୁଆରେ ପଡିଗଲେ ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା ଯେତେବେଳେ ଜଣାପଡ଼ିଲା ଯେ ଦିଦି ଗର୍ଭବତୀ । ସତେ ଯେମିତି ସମସ୍ତଙ୍କ ମୁଣ୍ଡ ଉପରେ ଆକାଶ ଛିଡିପଡ଼ିଲା । ଯେତେ ବୁଝାଇଲେ ମଧ୍ୟ ସେ ଗର୍ଭପାତ ପାଇଁ ରାଜି ହେଲାନାହିଁ କିମ୍ବା ଅନ୍ୟ କାହାକୁ ବାହା ହେବା ପାଇଁ ସମ୍ମତି ପ୍ରଦାନ କରିଲାନାହିଁ । ତାର ଜିଦ୍ ଥିଲା ସେ ତୁମକୁ ବାହା ହେବ ନଚେତ୍ କୁମାରୀ ମାତୃତ୍ୱ ନେଇ ସାରା ଜୀବନ ବିତାଇ ଦେବ । ସତରେ ତାହାହିଁ ହେଲା... ମାମୁନି ତୁମର ଝିଅ, ଯାହା ସହିତ କିଛି ଘଣ୍ଟା ତୁମେ ଟ୍ରେନ୍‌ରେ କଟାଇଥିଲ । ମାମୁନି ଖୁବ୍ ଭଲ ଝିଅଟିଏ, ସବୁବେଳେ ଦିଦିକୁ ତା' ବାପା କିଏ ବୋଲି ପଚାରେ । ଦିଦିର ଉତ୍ତର ଥାଏ 'ମା' ରେ ସମୟ ଆସିଲେ ନିଶ୍ଚୟ ଜାଣିବୁ' । ଦିଦି ମାମୁନି ପାଇଁ ଅନେକ ସଂଗ୍ରାମ କରିଛି, କରୁଛି ମଧ୍ୟ, ସେ ତାର ଝିଅକୁ ଦୁନିଆରେ ମଣିଷ ପରି ମଣିଷଟିଏ କରି ଗଢି ତୋଳିବା ଲାଗି ଶପଥ ନେଇଛି । ଖୁବ୍ ସରଳ ଜୀବନ ଯାପନ ତାକୁ ତାର ଲକ୍ଷ୍ୟ ସ୍ଥଳରେ ନିଶ୍ଚିତ ଭାବେ ସଫଳତା ସହିତ ପହଞ୍ଚାଇ ପାରିବ ବୋଲି ମୋର ଆଶା ଏବଂ ବିଶ୍ୱାସ । ଏ ସବୁ ଶୁଣି ଅନୁପମ ଚକ୍ଷୁରୁ ଧାର ଧାର ଲୁହ ବହି ଯାଉଥିଲା । ଭାବୁଥିଲା ନାରୀ କେତେ ମହାନ୍ । ତା'ର ତ୍ୟାଗର ବିକଳ୍ପ ନାହିଁ । ସେଦିନର ସାମାନ୍ୟ ଭୁଲ୍ ପାଇଁ ଅଲିଭା ନିଜ ଜୀବନକୁ ଖିନ୍ ଭିନ୍ କରିଦେଇ କ'ଣ ଲାଭ ପାଇଲା ? ଅନୁପମ ଶୁଭ୍ରାକୁ ଅଲିଭାର ଫୋନ୍ ନମ୍ବର ମାଗିଥିଲା । ଥରେ ସେ ସାହସ କରି ଅଲିଭା ସହିତ କଥା ବାର୍ତ୍ତା କରିବାକୁ ଉଚିତ୍ ମଣିଲା । ଅନୁପମର ଫୋନ୍ ପାଇ ଅଲିଭା ଖୁବ୍ ଶାନ୍ତ ସ୍ୱରରେ କହି ଥିଲା.... ଅନୁପମ, ଯାହା ହୋଇଛି ସେ ସବୁ ଭୁଲି ଯିବାକୁ ଅନୁରୋଧ । ମୁଁ ତୁମକୁ ଦୋଷ ଦେଉନାହିଁ ଏହା ଆମ ଭାଗ୍ୟର ଖେଳ । ତୁମେ ମୋ' ପାଇଁ ତୁମ ସ୍ତ୍ରୀଙ୍କୁ କେବେବି ଅବହେଳା କରିବନାହିଁ । ମାମୁନି ତୁମର ସନ୍ତାନ କିନ୍ତୁ ଉପଯୁକ୍ତ ସମୟ ନ ଆସିବା ପର୍ଯ୍ୟନ୍ତ ମୁଁ ତାର ପିତୃ ପରିଚୟ ଗୋପନ ରଖିବାର ନିଷ୍ପତ୍ତି ନେଇଛି । ସମୟ ଆସିଲେ ନିଶ୍ଚିତ ଭାବେ ତୁମକୁ ତୁମ ସନ୍ତାନ ସହିତ ଚିହ୍ନା ପରିଚୟ କରିଦେବି ତା'ପରେ ତୁମେ ବାପ ଝିଅ ଯାହା ଉଚିତ୍ ମଣିବ ତା' କରିବ । ଅନୁପମ୍ ତୁମକୁ ଗୋଟିଏ ଅନୁରୋଧ, ତୁମେ ସମୟ ନ ଆସିବା ପର୍ଯ୍ୟନ୍ତ ମୋ ସହିତ କୌଣସି ଯୋଗାଯୋଗ ରଖିବନାହିଁ । ଅନୁପମ ଅଲିଭା କଥାକୁ ମାନି ନେଇଥିଲା ।

ସମୟ ବିତି ଯାଇଛି ଅନେକ ବସନ୍ତ ଆସିଛି । ଲାଲ୍ ପଳାଶ ତାର ସୌନ୍ଦର୍ଯ୍ୟର ପସରା ମେଲାଇ ଦେଇ ଯାଇଛି । ସମୟ କାହାକୁ ଅପେକ୍ଷା କରେନାହିଁ ସେ ତା' ବାଟରେ ଚାଲିଥାଏ । ଏହା ମଧ୍ୟରେ ଅନେକ ବର୍ଷ ବିତି ଯାଇଛି । ଅନୁପମ୍ ଜଳ ସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ବୟସ ବଢ଼ିଛି ଚୁଟି ଅଧା ପାଚି ଧଳା ହୋଇ ଗଲାଣି । ମଧୁମିତା ମଧ୍ୟ ବୟସ ସହିତ ତାଳ ଦେଇ ଚାଲିଛନ୍ତି । ଏବେବି ତାଙ୍କର କୌଣସି ସନ୍ତାନ ନାହାନ୍ତି । ଦୁଇଜଣ ପତି ପତ୍ନୀ ନିଜ ଭାଗ୍ୟକୁ ଆଦରି ସମୟ ବିତାଇ ଦେଉଛନ୍ତି । ଅନୁପମ୍‌ର ଘର ଖୋଜି ଖୋଜି ଦିନେ ଶୁଭ୍ରା ପହଞ୍ଚି ଯାଇଥିଲା । ସ୍ୱାମୀ ସ୍ତ୍ରୀ ଦୁଇଜଣ ଶୁଭ୍ରାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଶୁଭ୍ରା କହିଲା ଅନୁପମ ଦା' ମାମୁନିର ବାହାଘର ଆସନ୍ତା ରବିବାର ଦିନ କଲିକତାର ପାର୍କ ହୋଟେଲ୍‌ରେ ଅନୁଷ୍ଠିତ ହେବ । ତୁମେ ଦୁଇଜଣ ନିଶ୍ଚିତ ଯୋଗ ଦେବାକୁ ଅଲିଭା ଦିଦି କହିଛି ତେଣୁ ଦୁଇଜଣ ବିଭାଘରକୁ ଯଥେଷ୍ଟ ସମୟ ପୂର୍ବରୁ ପହଞ୍ଚିବ । ମୁଁ କୌଣସି ନିମନ୍ତ୍ରଣ ପତ୍ର ଧରି ଆସିନାହିଁ । ତୁମକୁ ଗୋଟିଏ ସୁନ୍ଦର ସମ୍ପର୍କର ବନ୍ଧନରେ ବାନ୍ଧିବାକୁ ଆସିଛି । ଆଶାକରେ ତୁମେ ଦୁଇଜଣ ନିଜର କର୍ତ୍ତବ୍ୟ କରିବାକୁ ଚେଷ୍ଟା କରିବ । ମାମୁନିର ମାଉସୀ ହିସାବରେ ମୋର ମଧ୍ୟ ଏତିକି ଅନୁରୋଧ । ନିର୍ଦ୍ଧାରିତ ଦିନ ଅନେକ ଉପହାର ନେଇ ଅନୁପମ ଏବଂ ମଧୁମିତା ବିବାହ ମଣ୍ଡପରେ ପହଞ୍ଚି ଯାଇଥିଲେ । ସେଠାର ଅନେକ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ । ଶୁଭ୍ରା ଦୁଇଜଣଙ୍କୁ ପାଛୋଟି ନେଇ ଏକ ସ୍ୱତନ୍ତ୍ର ସୋଫାରେ ବସାଇଦେଲା । ଦୁଇଜଣଙ୍କ ଆଖି ଅଲିଭା ଏବଂ ମାମୁନିକୁ ଖୋଜି ବୁଲୁଥିଲା । କିଛି ସମୟ ପରେ ଲାଲ୍ ବନାରସି ଶାଢ଼ୀ ପିନ୍ଧି ମାମୁନି ଆସି ନିଜ ଆସନରେ ବସିଲା କିନ୍ତୁ ଅଲିଭା ଆସିନଥିଲା । ଟ୍ରେନ୍‌ରେ ଦେଖିଥିବା ସେଇ ଚୁଲ୍‌ବୁଲି ଛୋଟ ମାମୁନି ଆଜି ଆମେରିକାରେ ଭାରତୀୟ ଦୂତାବାସର ଜଣେ ଅଧିକାରୀ ତା'ର ଭାବି ସ୍ୱାମୀ ମଧ୍ୟ ସେହି ଅଫିସ୍‌ର ଜଣେ ଅଧିକାରୀ । କିଛି ସମୟ ପରେ ବିଭାଘର ଅନୁଷ୍ଠିତ ହେବ । ହଠାତ୍ ହୁଇଲ୍ ଚେୟାର୍‌ରେ ଜଣେ ଭଦ୍ର ମହିଳା ଉପସ୍ଥିତ ହେଲେ । ସେ ମାଇକ୍ ନେଇ ସୁନ୍ଦର୍ ସ୍ୱରରେ କହିଲେ ଉପସ୍ଥିତ ବନ୍ଧୁଗଣ, ଆଜିକାର ଶୁଭ ମୂହୂର୍ତ୍ତରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଆପଣ ମାନଙ୍କୁ ମାମୁନିର ପିତାଙ୍କ ସହିତ ପରିଚୟ କରାଇଦେବି । ଏହି ମାଙ୍ଗଳିକ କାର୍ଯ୍ୟରେ ପିତା କନ୍ୟାଦାନ କରି ନିଜର କନ୍ୟା ତଥା ଜାମାତାଙ୍କୁ ଆଶୀର୍ବାଦ କରିବାକୁ ମୁଁ ଅନୁରୋଧ କରୁଛି । ଜୀବନରେ ଅନେକ ଦାୟିତ୍ୱ ନିର୍ବାହ କରିଛି ଏବଂ ବର୍ତ୍ତମାନ ସେହି ଗୁରୁ ଦାୟିତ୍ୱରୁ ମୁକ୍ତି ନେବାକୁ ଚାହୁଁଛି । ଆଶା କରୁଛି ଅନୁପମ ଏବଂ ମଧୁମିତା ସମସ୍ତ ଅତିଥିଙ୍କ ସମ୍ମୁଖରେ ମାମୁନିର ବିଭାଘର କାର୍ଯ୍ୟ ସମ୍ପାଦନ କରିବେ । ସମସ୍ତଙ୍କର ନଜର ଅନୁପମ ଏବଂ ମଧୁମିତା ଉପରେ ଥିଲା । ଦୁହେଁ ନିଜର ଆନନ୍ଦାଶ୍ରୁକୁ ସମ୍ୱରଣ କରିପାରିନଥିଲେ । କନ୍ୟାଦାନ ସୂଚାରୁ ରୂପେ ସରିଗଲା । ମାମୁନି ବାପାଙ୍କୁ ଧରି ଅନେକ କାନ୍ଦିଥିଲା । ଅନୁପମ ଏବଂ ମଧୁମିତା ମାମୁନିକୁ ପାଇ ଖୁବ୍ ଖୁସି ଥିଲେ । ଅଲିଭା ମାମୁନିକୁ ଡାକି କହିଲା ମାମୁନି, ମୁଁ କଥା ଦେଇଥିଲି ତୋତେ ତୋ' ବାପାଙ୍କ ପରିଚୟ ଦେବି ବୋଲି ଆଜି ମୁଁ ମୋର କଥା ରଖିଛି । ଅନୁପମ ହିଁ ତୋର ପ୍ରକୃତ ବାପା । ଅଲିଭା ଚକ୍ଷୁରୁ କେବଳ ଲୋତକ ଗଡି ଚାଲିଥିଲା । ମାମୁନି ଅଲିଭାକୁ ଆଲିଙ୍ଗନ କରି କହିଲା ମା' ତୁମେ ମହାନ୍ ତୁମ ପରି ମାଆ ଏହି ସ୍ୱାର୍ଥପର ଦୁନିଆରେ ବିରଳ । ମୁଁ ତୁମ ପାଇଁ ଗର୍ବିତ । ଆଜି ମୋତେ ଦୁଇଟି ମାଆ ଆଉ ବାପା ମିଳିଗଲେ । ତୁମେ ଆମ ସହିତ ଆମେରିକା ଚାଲି ଆସ । ସେଠାରେ କିଛିଦିନ ଆମ ସହିତ ରହିବ । ସେତେବେଳକୁ ଅଲିଭା ମାମୁନିର ହାତକୁ ଧରି ହୁଇଲ୍ ଚେୟାର୍ ଉପରେ ସବୁଦିନ ପାଇଁ ଆଖି ବୁଜି ଦେଇଥିଲା ।

*ବରିଷ୍ଠ ନାଗରିକ, ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ*
*ମୋ-୯୯୩୭୧୭୪୦୯୭*

# ଲର୍ଡସରେ ଖେଳାଯିବ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍

**ଦୁବାଇ**

ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ବର୍ଦ୍ଧିତ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ ଆସନ୍ତାବର୍ଷ ଜୁଲାଇ ୫ରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଘୋଷଣା କରାଯାଇଛି। ୧୨ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୧୨ରୁ ଲର୍ଡସରେ ଆରମ୍ଭ ହେବ, ଯେଉଁଠାରେକି ପୂର୍ବରୁ ୨୦୧୭ରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା।

ଲର୍ଡସ ବ୍ୟତୀତ ଅନ୍ୟ ୬ଟି ଭେନ୍ୟୁ ଯଥା ଓଲ୍ଡ ଟ୍ରାଫୋର୍ଡ, ହେଡିଙ୍ଗଲେ, ଏଜ୍‌ବୋଷ୍ଟନ, ଦୁଇ ଓଭାଲ, ହାମ୍ପଶାୟାର ବାଓଲ ଓ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ।

ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ। ଟୁର୍ଣ୍ଣାମେଣ୍ଟରେ ଭାଗନେଉଥିବା ୧୨ଟି ଦଳ ମଧ୍ୟରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସମେତ ୮ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଅନ୍ୟ ୪ଟି ଦଳ ଆଇସିସି ମହିଳା ଟି୨୦ ବିଶ୍ୱକପ୍ କ୍ୱାଲିଫାୟର ଜରିଆରେ ଯୋଗ୍ୟତା ଅର୍ଜନ କରିବେ।



# ହାଇଦ୍ରାବାଦକୁ ୩୮ ରନରେ ହରାଇ ପ୍ଲେ-ଅଫରୁ ବିଦା କଲା ଗୁଜୁରାଟ

**ଅହମ୍ମଦାବାଦ**

ଦଶମ ପରାଜୟ ସହ ସନ୍ ରାଇଜର୍ସ ହାଇଦ୍ରାବାଦର ଆଇପିଏଲ୍ ପ୍ଲେ-ଅଫ୍ ଆଶା ମଉଳିଲା। ଗୁଜରାଟ ଟାଇଟନ୍ସ ଠାରୁ ୩୮ ରନ୍‌ରେ ପରାସ୍ତ ହୋଇଛି ପାଟ୍ କମିନ୍ସଙ୍କ ଏସଆରଏଚ୍। ଅନ୍ୟପଟେ ଦମ୍‌ଦାର ବିଜୟ ସହିତ ପଏଣ୍ଟ ଟେବୁଲ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି ଗୁରଜାଟ ଟାଇଟନ୍ସ। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରି ସନ୍ ରାଇଜର୍ସକୁ ୨୨୫ ରନ୍‌ର ଟାର୍ଗେଟ୍ ଦେଇଥିଲା। ଦଳ ପକ୍ଷରୁ ଶୁବମନ



ଗିଲ୍ ଓ ଜୋଶ୍ ବଲଟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସେପଟେ ବିଶାଳ ସ୍କୋରକୁ ପିଛା କରି ହାଇଦ୍ରାବାଦ କୋଡିଏ ଓଭରରେ ୬ ୱିକେଟ୍ ହରାଇ ମାତ୍ର ୧୮୬ ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ଏହି ମ୍ୟାଚକୁ ଗିଲଙ୍କ ଗୁଜରାଟ୍ ଟିମ୍ ୩୮ ରନ୍‌ରେ ଜିତି ନେଇଛି ।

# ଶ୍ରୀସନ୍ଥଙ୍କୁ ୩ବର୍ଷ ପାଇଁ ବାସନ୍ଦ କଲା କେସିଏ

**ଥିରୁଭାନନ୍ତପୁରମ**

ଚାମ୍ପିୟନ୍ସ ଟ୍ରଫି ପାଇଁ ସଞ୍ଜୁ ସାମ୍‌ସନଙ୍କୁ ଭାରତୀୟ କ୍ରିକେଟ ଦଳରୁ ବାଦ୍ ଦିଆଯିବା ବିବାଦୀୟ ପ୍ରସଙ୍ଗରେ ମିଥ୍ୟା ଓ ଅପମାନଜନକ ବୟାନ ଦେଇଥିବାରୁ କେରଳ କ୍ରିକେଟ ଆସୋସିଏସନ (କେସିଏ) ପୂର୍ବତନ ଭାରତ ପେସ୍ ବୋଲର ଏସ୍. ଶ୍ରୀସନ୍ଥଙ୍କୁ ୩ ବର୍ଷ ବାସନ୍ଦ କରିଛି। କୋଚିରେ କେସିଏର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀସନ୍ଥ ବର୍ତ୍ତମାନ କେରଳ କ୍ରିକେଟ ଲିଗ୍‌ରେ କୋଲାମ ଏରିଜ ନାମକ ଏକ ଫ୍ରାଞ୍ଚାଇଜ୍‌ର ସହ-ମାଲିକ ଅଛନ୍ତି। ପୂର୍ବରୁ ତାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଶ୍ରୀସନ୍ଥଙ୍କ ସହିତ କୋଲାମ ଏରିଜ, ଅଲାପୁଝା ଟିମ୍ ଲିଡ୍ ଓ ଅଲ୍ଲପୁଝା ରିପ୍ଲେସ ଫ୍ରାଞ୍ଚାଇଜ୍ ଦଳକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା।

ଫ୍ରାଞ୍ଚାଇଜ ଟିମ୍‌ଗୁଡ଼ିକ ସନ୍ତୋଷଜନକ ଉତ୍ତର ଦେଇଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଟିମ୍ ମ୍ୟାନେଜମେଣ୍ଟର ସଦସ୍ୟ ନିଯୁକ୍ତି ବେଳେ ଅଧିକ ସାବଧାନତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଶ୍ରୀସନ୍ଥ ଦୁଇଟି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ।

ଏକ ମାଲାୟଲମ ଟେଲିଭିଜନ ଚ୍ୟାନେଲରେ ଏକ ପ୍ୟାନେଲ ସହିତ ଆଲୋଚନା ବେଳେ ସେ ରାଜ୍ୟ କ୍ରିକେଟ ଆସୋସିଏସନ ଓ ସାମସନଙ୍କୁ ନେଇ ତାଙ୍କର ମନ୍ତବ୍ୟ ଦେଇଥିଲେ। ଏଥିରେ ସେ ସାମସନଙ୍କ ପ୍ରତି ତାଙ୍କର ସମର୍ଥନ ଜ୍ଞାପନ କରିବା ସହ କେରଳର ଅନ୍ୟ ଖେଳାଳିଙ୍କୁ ସୁରକ୍ଷା ପ୍ରଦାନ କରିବା ଦିଗରେ କାର୍ଯ୍ୟକରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ। ବିଜୟ ହଜାରେ ଟ୍ରଫି ପାଇଁ କେରଳ ଦଳରୁ ସାମ୍‌ସନଙ୍କୁ ବାଦ୍ ଦିଆଯିବାରୁ ଭାରତର ଚାମ୍ପିୟନ୍ସ ଟ୍ରଫି ଦଳ ପାଇଁ ଏହି ଖେଳାଳିଙ୍କ ସମ୍ଭାବନାକୁ ପ୍ରଭାବିତ କରିଥିଲା ବୋଲି ଦର୍ଶାଇ ସେ କେସିଏକୁ ସମାଲୋଚନା କରିଥିଲେ।

# ଏସିଆ ରଗ୍‌ବୀ ସେଭେନସ୍ ସିରିଜ୍-୨୦୨୫ର ଭାରତୀୟ ଦଳ କ୍ୟାମ୍ପରେ ମୟୂରଭଞ୍ଜର ୨ ଖେଳାଳି



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଏସିଆ ରଗ୍‌ବୀ ସେଭେନସ୍ ସିରିଜ୍-୨୦୨୫ର ଭାରତୀୟ ଦଳ ପ୍ରି-କ୍ୟାମ୍ପରେ ମୟୂରଭଞ୍ଜର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ୨ ଖେଳାଳି ସ୍ଥାନ ପାଇଛନ୍ତି। ପ୍ରି-କ୍ୟାମ୍ପରେ ସର୍ବ ଭାରତୀୟ ସ୍ତରରେ ୧୬ ଜଣ ଖେଳାଳି ମନୋନୀତ ହୋଇଥିବ ବେଳେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ସୁନିତା ହାଁସଦା ଓ ସନ୍ଧ୍ୟାରାଣୀ ଟୁଡୁ ସ୍ଥାନ ପାଇଛନ୍ତି। ବାରିପଦା ବ୍ଲକ୍ ସ୍ଥିତ ରଙ୍ଗାମାଟିଆ ଗ୍ରାମର ପିତା ସାଗରାମ ହାଁସଦା ଓ ମାତା କାପୁରା ହାଁସଦାଙ୍କ ବଡ଼ ଝିଅ ସୁନିତା ହାଁସଦା ପୂର୍ବରୁ ୯ ଥର ଓଡ଼ିଶା ଦଳକୁ ପ୍ରତିଧ୍ୱନିତ୍ୱ କରି ଅନେକ ସଫଳତା ସାଉଁଟିଛନ୍ତି ଏବଂ ରାଧିକାଶୋଳ ଗ୍ରାମର ପିତା ଲକ୍ଷ୍ମୀଧର ଟୁଡୁ ଓ ମାତା ଫୁଲମଣି ଟୁଡୁଙ୍କ ଝିଅ ସନ୍ଧ୍ୟାରାଣୀ ଟୁଡୁ ପୂର୍ବରୁ ୧୧ ଥର ଓଡ଼ିଶାକୁ ଓ ଗୋଟିଏ ଥର ଭାରତୀୟ ବିଶ୍ୱ ବିଦ୍ୟାଳୟ ରଗ୍‌ବୀ ଦଳକୁ ପ୍ରତିଧ୍ୱନିତ୍ୱ କରି ଅନେକ ସଫଳତା ପାଇଛନ୍ତି। ଦୁହେଁ ବାରିପଦା ବ୍ଲକ୍ ସ୍ଥିତ ରାଣୀଭୋଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ରଗବୀ ଖେଳିବା ଆରମ୍ଭ କରିଥିଲେ ଓ ବର୍ତ୍ତମାନ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରେ ରହି ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଆଥ୍‌ଲେଟିକ୍ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ୍ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳ ନେତୃତ୍ୱ ନେବେ ରୋହିତ ଶର୍ମା

**ମୁମ୍ବାଇ**

ରୋହିତ ଶର୍ମା ଇଂଲଣ୍ଡ ବିପକ୍ଷ ଆଗାମୀ ଟେଷ୍ଟ ସିରିଜ୍‌ରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ହେବାକୁ ପ୍ରସ୍ତୁତ ଅଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ବିସିସିଆଇ ଏହି ଟୁର୍ ପାଇଁ ପ୍ରାୟ ୩୫ ଜଣ ଖେଳାଳିଙ୍କୁ ଚୟନ କରିଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ହାରିବା ପରେ ରୋହିତଙ୍କ ଅଧିନାୟକ ପଦ ନେଇ କିଛି ଜଳ୍ପନା ଥିଲା, କିନ୍ତୁ ସେ ଅଧିନାୟକ ଭାବେ ରହିବେ ବୋଲି ଆଶା କରାଯାଉଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଚୟନକର୍ତ୍ତାମାନେ ଏକ ସ୍ଥିର ମଧ୍ୟମ କ୍ରମ ବ୍ୟାଟ୍ସମ୍ୟାନ ଖୋଜୁଛନ୍ତି ଯିଏ ନମ୍ବର ୫ କିମ୍ବା ୬ରେ ଖେଳିପାରିବ, ଯେଉଁଥିରେ କରୁଣ ନାୟାର ଏବଂ ଦେବଦତ୍ତ ପଡିକ୍କଲ ଶୀର୍ଷ ଦାବିଦାର। ତେବେ, ଶ୍ରେୟସ



ଆୟାର ଏବଂ ଅକ୍ଷର ପଟେଲ ବର୍ତ୍ତମାନ ଚୟନକର୍ତ୍ତାଙ୍କ ତାଲିକାରେ ନାହାନ୍ତି।

ବିସିସିଆଇ ସୂତ୍ରରୁ କୁହାଯାଇଛି, "ରୋହିତ ସମ୍ଭବତଃ ଟୁର୍‌ରେ ଯିବେ କାରଣ ବୋର୍ଡ ମନେ କରୁଛି ଯେ ଏକ ଦୃଢ଼ ଅଧିନାୟକ ଆବଶ୍ୟକ, ଯେହେତୁ ଏହି ସିରିଜ ଅଷ୍ଟ୍ରେଲିଆ ଟୁର୍ ପରି କଠିନ ହେବ। ମଧ୍ୟମ କ୍ରମ ନେଇ ଦଳ ପରିଚାଳନା ସରଫରାଜ ଖାନ୍‌ଙ୍କ କ୍ଷମତା ଉପରେ ବହୁତ କମ୍ ଆସ୍ଥା ଦେଖାଇଛି। ନାୟାର ଏବଂ ପାଟିଦାର ଅଭିଜ୍ଞ ରେଡ୍-ବଲ୍ ଖେଳାଳି ଏବଂ ସେମାନେ ଭଲ ଫର୍ମରେ ଅଛନ୍ତି। ସମ୍ଭବତଃ ସେମାନଙ୍କ ମଧ୍ୟରୁ ଜଣେ ଭାରତ 'ଏ' ଦଳରେ ରହିବେ। ଆୟାରଙ୍କ କ୍ଷେତ୍ରରେ, ଗତ ବର୍ଷ ତାଙ୍କ ଖରାପ ଟେଷ୍ଟ ପ୍ରଦର୍ଶନ ଯୋଗୁଁ ତାଙ୍କୁ ବାଦ୍ ଦିଆଯାଇଥିଲା। ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇନାହିଁ।" ସାଇ ସୁଦର୍ଶନଙ୍କୁ ମଧ୍ୟ ଏହି ସିରିଜ ପାଇଁ ବ୍ୟାକ-ଅପ ଓପନର ଭାବେ ବିବେଚନା କରାଯାଉଛି। ତେବେ, ଯଦି ସେ ମୁଖ୍ୟ ଦଳରେ ସ୍ଥାନ ପାଇବେ ନାହିଁ, ତେବେ ସେ ନିଶ୍ଚିତ ଭାବେ ଭାରତ 'ଏ' ଦଳରେ ରହିବେ।

ଚୟନ ତାଲିକାରେ ଅନ୍ୟ ଏକ ପ୍ରମୁଖ ନାମ ହେଉଛି ସ୍ପିନର କୁଲଦୀପ ଯାଦବ। ବିଦେଶୀ ଟେଷ୍ଟ ସିରିଜରେ କୁଲଦୀପ ପ୍ରାୟତଃ ଅବହେଳିତ ହୋଇଛନ୍ତି। ତେବେ, ଅଷ୍ଟ୍ରେଲିଆ ସିରିଜ ମଝିରେ ଆର ଅଶ୍ୱିନଙ୍କ ଅବସର ପରେ, ତାଙ୍କୁ ଭାରତୀୟ କ୍ରିକେଟ ଦଳ ପାଇଁ ଆକ୍ରମଣାତ୍ମକ ସ୍ପିନ ବିକଳ୍ପ ଭାବେ ବିବେଚନା କରାଯାଉଛି।

ପେସ୍ ଆକ୍ରମଣ ନେଇ କହିବାକୁ ଗଲେ, ମହମ୍ମଦ ଶାମୀ ଏବଂ ଜସପ୍ରୀତ ବୁମରାଙ୍କୁ ନିଶ୍ଚିତ ଭାବେ ଅନ୍ତର୍ଭୁକ୍ତ କରାଯିବ, କିନ୍ତୁ ଚୟନକର୍ତ୍ତାମାନେ ମହମ୍ମଦ ସିରାଜଙ୍କ ଅସ୍ଥିର ପ୍ରଦର୍ଶନ ନେଇ ଚିନ୍ତିତ ଅଛନ୍ତି।

# ଓଡ଼ିଶାର ବକ୍ସର ପାଇଲେ ଜାତୀୟ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର**

ଉତ୍ତର ପ୍ରଦେଶର ଗ୍ରେଟର ନୋଇଡ଼ା ସ୍ଥିତ ସହୀଦ ବିଜୟ ସିଂ ପଠିକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଏପ୍ରିଲ୍ ମାସ ୨୧ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ସମାପ୍ତ ହୋଇଥିବା ୟୁ-୧୯ ମହିଳା ଓ ପୁରୁଷ ଜାତୀୟ ବକ୍ସିଂ ପ୍ରତିଯୋଗିତା ୨୦୨୫ରେ ଓଡ଼ିଶା ସମେତ ଭାରତର ସମସ୍ତ ରାଜ୍ୟ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ବକ୍ସିଂ ଦଳର ଚୟନ ରାଉରକେଲା ସ୍ଥିତ ବିଜୁପଟ୍ଟନାୟକ ଷ୍ଟାଡିୟମ୍ ଠାରେ କରାଯାଇଥିଲା। ଏହି ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ୯୦+ ବର୍ଗରେ ଓଡ଼ିଶାର ବକ୍ସର ଅଖିଳେଶ ବେହେରା ବ୍ରୋଞ୍ଜ୍ ପଦକ ପାଇଛନ୍ତି ବୋଲି ଜାତୀୟ ବକ୍ସିଂ ଉପସଭାପତି ତଥା ଓଡ଼ିଶା ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବୋହିଦାର ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି। ଆଶୀର୍ବାଦ ବେହେରା, ଅଭିଜିତ ପାଲ, ସଞ୍ଜୟ ବେହେରା, ଅଶୋକ ସାହୁ, ସଭାପତି ରଘୁନାଥ ପାଢ଼ୀ, ପ୍ରଭାକର ରାଓ, ଅଞ୍ଜନ ଦାସ, ନଳିନୀକାନ୍ତ ମହାନ୍ତି, ଶିବରାମ ପାତ୍ର, ବାବୁ ପାତ୍ର, ରବି ଶଙ୍କର ପ୍ରତିହାରୀ, ମମତା ପଣ୍ଡାଙ୍କ ସମେତ ରାଜ୍ୟର ସମସ୍ତ ବକ୍ସର, ବକ୍ସିଂ କୋଚ୍, ଏବିଏର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଆନ୍ତର୍ଜାତୀୟ ରେଫରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଉନ୍ନତ ଢାଞ୍ଚାରେ ପ୍ରେକ୍ଷାଳୟ ନାହିଁ

## ଗୋଟିଏ ବି ଉପଯୁକ୍ତ ନୁହଁ : ସର୍ବାଧିକ ସିଟ୍ କ୍ଷମତା ୫୦୦

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର କ୍ରୀଡ଼ା, ସାଂସ୍କୃତିକ, ରାଜନୈତିକ ଓ ବ୍ୟବସାୟିକ କେନ୍ଦ୍ର ବ୍ରହ୍ମପୁର। ରାଜ୍ୟର ପୁରାତନ ସହର। ମ୍ୟୁନିସିପାଲଟି ହେବାର ୧୬୦ ବର୍ଷ ହେଲାଣି। ୧୭ ବର୍ଷ ତଳେ ବ୍ରହ୍ମପୁର ମହାନଗର ନିଗମରେ ପରିଣତ ହୋଇସାରିଛି। ସହରର ଲୋକସଂଖ୍ୟା ବଢ଼ି ୫ ଲକ୍ଷ ଟପିଲାଣି। ହେଲେ ୭ଟି ଜିଲ୍ଲାର କେନ୍ଦ୍ରସ୍ଥଳ ହିସାବରେ ଏଠି ବ୍ୟବସ୍ଥିତ ଓ ବୃହତ୍ କନ୍‌ଭେନ୍‌ସନ୍ ସେଣ୍ଟରଟିଏ ନାହିଁ। ବଡ଼ ରାଜନୈତିକ ସଭା ହେଉ କି ଜାତୀୟସ୍ତରର ନାଟକ ଉତ୍ସବ ଅବା ରାଜନୈତିକ ସରକାରୀ କାର୍ଯ୍ୟକ୍ରମ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବ୍ରହ୍ମପୁରବାସୀ। ଗୋଟିଏ ପଟେ ରାଜ୍ୟ ସରକାର ଭୁବନେଶ୍ୱର ଠାରେ ୪ ହଜାର ଲୋକ ବସିବା ଏବଂ ୪୦ ହଜାର ଲୋକ ଏକାଠି ହେବା ଭଳି ମେଗା କନ୍‌ଭେନ୍‌ସନ୍ ନିର୍ମାଣର ଯୋଜନା କରୁଛନ୍ତି। ହେଲେ ଅନ୍ୟପଟେ ଦକ୍ଷିଣ ଓଡ଼ିଶାର କେନ୍ଦ୍ରସ୍ଥଳ ବ୍ରହ୍ମପୁର ମହାନଗର ନିଗମରେ ୫୦୦ ଲୋକ ବସି ସଭାଟିଏ କରିବାପାଇଁ ଉପଯୁକ୍ତ ସମ୍ମିଳନୀ କକ୍ଷ ନାହିଁ। ଆଞ୍ଚଳିକ ସ୍ତରରେ ଜାତୀୟ ଓ ରାଜ୍ୟସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରିବା କଷ୍ଟକର ବୋଲି ଅଭିଯୋଗ ହେଉଛି। ବ୍ରହ୍ମପୁରରେ ସଦ୍ୟ ଶେଷ ହୋଇଛି ଜାତୀୟ ନାଟ୍ୟ ଉତ୍ସବ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ନୂଆଦିଲ୍ଲୀର ନାଟ୍ୟସଂସ୍ଥା ନାଟକ ପରିବେଷଣ କରିଛନ୍ତି। ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ନାଟକ ମଞ୍ଚସ୍ଥ ହୋଇଛି। ସଭା, ସମିତି, ନାଟକ ଆଦି ଆୟୋଜନ ପାଇଁ ସଂସ୍କୃତି ଭବନ କଥା ବିଚାରକୁ ନେଲେ ଏଠାରେ ଉପଲବ୍ଧ ସୁବିଧା ସୁଯୋଗ ନିଶ୍ଚିତ ପର୍ଯ୍ୟାପ୍ତ ନୁହେଁ ବୋଲି ସହରବାସୀଙ୍କ ମତ। ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ସଂସ୍କୃତି ଭବନର ପ୍ରେକ୍ଷାଗୃହ ଓ ବାଲ୍‌କୋନୀକୁ ମିଶାଇ ବସିବା କ୍ଷମତା ପ୍ରାୟ ୫୦୦ ହେବ। ବାଲ୍‌କୋନୀରେ ଅବ୍ୟବସ୍ଥା ଯୋଗୁଁ ଏହା ପ୍ରାୟ ବ୍ୟବହାର ହୁଏନି। ପ୍ରେକ୍ଷାଗୃହର ଅନେକ ଚୌକି ଭାଙ୍ଗିଯାଇଛି। ଗୃହରେ ସ୍ଥାୟୀ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନାହିଁ। ଲାଗିଥିବା ଫ୍ୟାନ୍ ଭିତରୁ ଅଧିକାଂଶ ଅଚଳ। ଏପରିସ୍ଥଳେ ସଂସ୍କୃତି ଭବନ ବ୍ୟବହାର ପାଇଁ ୧୫ ହଜାର ଭଡ଼ା ଦେବାକୁ ପଡ଼େ। ସେହିଭଳି ଆଉ ଏକ ବିକଳ୍ପ ହେଲା ବ୍ରହ୍ମପୁର ମହାନଗର ନିଗମ ପରିଚାଳିତ ଡ଼ାଇମଣ୍ଡ ଜୁବୁଲି ଟାଉନ୍ ହଲ୍। ସହରର ମଧ୍ୟଭାଗରେ ଅବସ୍ଥିତ। ଏହି ପ୍ରେକ୍ଷାଳୟରେ ଦର୍ଶକ ବସିବାର କ୍ଷମତା ସଂସ୍କୃତି ଭବନଠାରେ କମ୍। ହଲ୍‌ରେ ମାତ୍ର ୨୦୦ ଚେୟାର ପଡ଼ିଛି। ବାଲ୍‌କୋନୀରେ ଚେୟାର ନାହିଁ। ଏପରି ଭାବେ ଉଭୟ ହଲ୍ ଓ ବାଲ୍‌କୋନୀକୁ ମିଶାଇ ୩୦୦ ରୁ ୩୫୦ ଦର୍ଶକ ବସିବାର ସୁବିଧା ହୋଇପାରିବ। କାର୍ଯ୍ୟକ୍ରମ ପାଇଁ ଦିନକୁ ଦୁଇଟି ସ୍ଲଟ କରାଯାଇଛି। ସକାଳ ୮ ରୁ ଦିନ ୨ ଏବଂ ଦିନ ୩ରୁ ରାତି ୯ ଟା। ପ୍ରତି ୬ ଘଣ୍ଟାକୁ ୧୨ ହଜାର ଟଙ୍କା ଦେବାକୁ ପଡ଼ିବ। ଏଠାରେ ପ୍ରାୟ ସୁବିଧା ରହିଥିଲେ ବି ପାର୍କିଂ ସମସ୍ୟା ଟାଉନ୍ ହଲରେ କାର୍ଯ୍ୟକ୍ରମ ଆୟୋଜନ ଠାରୁ ବିମୁଖ କରୁଛି। ତୃତୀୟ ବିକଳ୍ପ ଭାବେ ଗଞ୍ଜାମ କଳା ପରିଷଦର କବିସୂର୍ଯ୍ୟ ରଙ୍ଗମଞ୍ଚ। ଏହି ପ୍ରେକ୍ଷାଳୟରେ ବୈଠକ କ୍ଷମତା ୫୫୦ ହେବ। ଭଡ଼ା ଦିନକୁ ୧୫ ହଜାର। ଟାଉନ୍ ହଲ୍ ଭଳି ପାର୍କିଂ ସମସ୍ୟାରେ ଉବୁଟୁବୁ ଗଞ୍ଜାମ କଳା ପରିଷଦ। କାର୍ଯ୍ୟକ୍ରମ ହେଲେ ଉତ୍କଳ ଆଶ୍ରମ ପଡ଼ିଆ ଭଡ଼ାରେ ନେବାକୁ ପଡ଼େ। ତେଣୁ ବଡ଼ ଧରଣର କାର୍ଯ୍ୟକ୍ରମ ପାଇଁ ତିନୋଟି ଯାକ ପ୍ରେକ୍ଷାଳୟ ଅନୁପଯୁକ୍ତ ବୋଲି କୁହାଯାଏ। କୌଣସି ସ୍ଥାନରେ ଉପଯୁକ୍ତ ସାଉଣ୍ଡ ସିଷ୍ଟମ୍ ନାହିଁ। ମାଇକ୍ ଓ ଲାଇଟ୍ ବାବଦରେ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼େ। ଗିରି ମାର୍କେଟ୍ ଛକରେ ଥିବା ପ୍ରକାଶମ୍ ହଲ୍ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସବୁ ଦିନରୁ ଅନୁପଯୁକ୍ତ ବୋଲି ଅଭିଯୋଗ ହୁଏ। ରାଜ୍ୟ ରାଜଧାନୀରେ ୧୮ ଏକର ଜମିରେ ମେଗା କନ୍‌ଭେନ୍‌ସନ୍ ପାଇଁ ଯୋଜନା ଚାଲିଛି। ସମ୍ମିଳନୀ କକ୍ଷରେ ୪ ହଜାର ଲୋକ ବସିବାର ସୁବିଧା ଏବଂ ହଲ୍ ବାହାରେ ୪୦ ହଜାର ଲୋକ ଏକାଠି ହୋଇପାରିବେ। ଏପରିସ୍ଥଳେ ବ୍ରହ୍ମପୁରରେ ଏକ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥିତ ସଭାଗୃହଟିଏ ଆବଶ୍ୟକ ଥିବା ନାଟକ ସମାରୋହ ସମିତି ସଭାପତି ଅନୀଲ୍ ପାତ୍ର କହିଛନ୍ତି। ବୃହତ୍ କନ୍‌ଭେନ୍‌ସନ୍ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତାବଟିଏ ରାଜ୍ୟ ସରକାରଙ୍କୁ ପଠାଇଛି। ଅନୁମୋଦନ ପରେ ବଡ଼ ଧରଣର ପ୍ରେକ୍ଷାଗୃହ ହେବ। ଅନ୍ୟପଟେ ସାଂସ୍କୃତିକ ଭବନ ପ୍ରେଷ୍ଟାଲ୍‌ରେ ନାଟକ ଷ୍ଟ୍ରକଚର ଏବଂ ସେଣ୍ଟ୍ରାଲ୍ ଏସି ସୁବିଧା କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି।

# ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବିସିଏ ଚାମ୍ପିଅନ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ (୧୬ ଓ ୧୯ ବର୍ଷରୁ କମ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ବିସିଏ କ୍ଲବ୍ କରଞ୍ଜିଆ କ୍ଲବ୍‌କୁ ୧୨ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବିସିଏ କ୍ଲବ୍ ୩୦ ଓଭରରେ ୭ଟି ଉଇକେଟ ହରାଇ ମାତ୍ର ୧୫୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରୋହନ କୁମାର ସାହୁ ୫୦, ଗମ୍ଭୀର କୁମାର ମହାନ୍ତ ୪୯, ଚନ୍ଦନ କୁମାର ସିଂ ୨୬ ରନ କରିଥିବାବେଳେ ବିପକ୍ଷ ମହମ୍ମଦ ଆର୍ସାଦ ରାଜା ୪ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ କରଞ୍ଜିଆ କ୍ଲବ ୩୦ ଓଭରରେ ୬ଟି ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ନାରାୟଣ ପାତ୍ର ୪୮, ଏମ୍‌ଏମ୍ ଅମନ ପ୍ରସାଦ ୪୬ ରନ କରିଥିବାବେଳେ ବିପକ୍ଷ ଦଳର ଚନ୍ଦନ କୁମାର ସିଂ ଓ ସାଇ ସ୍ନେହାଶିଷ ଦାସ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ରୋହନ କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ରିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ପୂର୍ବତନ କ୍ରିକେଟ ଖେଳାଳି ମନୋରଞ୍ଜନ ଦାସ, ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଟି୨୦ ଲିଗ୍ ଆରମ୍ଭ କରିବ କେନିୟା

**ନାଇରୋବି**

କ୍ରିକେଟ କେନିୟା(ସିକେ) ଆସନ୍ତା ସେପ୍ଟେମ୍ବରରେ ନିଜସ୍ୱ ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ଆରମ୍ଭ କରିବ। ଦେଶରେ କ୍ରିକେଟ୍‌କୁ ପୁନର୍ଜୀବିତ କରିବା ଏହି ଲିଗ୍‌ର ଲକ୍ଷ୍ୟ। ଲିଗ୍‌ର ପ୍ରଥମ ସିଜନରେ ୨୫ ଦିନ ଧରି ୬ଟି ଫ୍ରାଞ୍ଚାଇଜ ମୁକାବିଲା କରିବେ। ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ୫ଟି ଅନ୍ତର୍ଜାତୀୟ ଖେଳାଳି ରଖିବାକୁ ଅନୁମତି ଦିଆଯାଇଛି। ଏହି ଲିଗ୍ ଲାଗି ସିକେ ଏବଂ ଭାରତରେ ପ୍ରତିଷ୍ଠିତ କମ୍ପାନୀ ଏଓଏସ୍ ସ୍ପୋର୍ଟ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଚୁକ୍ତି କରାଯାଇଛି। ଏହି ଚୁକ୍ତି ମୁତାବକ, ଏଓଏସ୍ ସ୍ପୋର୍ଟ ଟୁର୍ଣ୍ଣାମେଣ୍ଟ ଆଗାମୀ ୫ ବର୍ଷ ମଧ୍ୟରେ ୨ ନିୟୁତ ଆମେରିକୀୟ ଡଲାର ନିବେଶ କରିବ।

# ଭାରତୀୟ ରେଳବାଇ ଡିଜିଟାଲ୍ ଘଣ୍ଟା ଡିଜାଇନ୍ ପ୍ରତିଯୋଗିତା
## ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ରେଳବାଇ ନୂତନ ଡିଜିଟାଲ୍ ଘଣ୍ଟା ଡିଜାଇନ୍ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି ଯାହା ଦେଶର ସମସ୍ତ ରେଳ ଷ୍ଟେସନରେ ସ୍ଥାପନ କରାଯିବ। ରେଳବାଇ ସୃଜନଶୀଳ ଲୋକଙ୍କଠାରୁ ଘଣ୍ଟା ଡିଜାଇନ୍ ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରିଛି। ଏହି ପ୍ରତିଯୋଗିତା ପ୍ଲାଟଫର୍ମ ଏବଂ ଷ୍ଟେସନରେ ବ୍ୟବହୃତ ଡିଜିଟାଲ୍ ଘଣ୍ଟାକୁ ମାନକୀକରଣ କରିବା ପାଇଁ ଲକ୍ଷ୍ୟ ରଖିଛି ଏବଂ ଏହା ତିନୋଟି ବର୍ଗର ଅଂଶଗ୍ରହଣକାରୀଙ୍କ ପାଇଁ ମୁକ୍ତ ରହିବ ଯେଉଁମାନେ କି ବୃତ୍ତିଗତ, କଲେଜ/ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ସ୍କୁଲ ଛାତ୍ର। ଜଣେ ଶ୍ରେଷ୍ଠ ବିଜେତା, ଯାହାର ଡିଜାଇନ୍ ଭାରତୀୟ ରେଳବାଇରେ ବ୍ୟବହାର ପାଇଁ ଚୟନ କରାଯିବ ସେ ୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ପାଇବେ। ଏହା ସହିତ, ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ୫୦,୦୦୦ର ପାଞ୍ଚଟି ସାନ୍ତ୍ୱନା ପୁରସ୍କାର ରହିବ। ଅଂଶଗ୍ରହଣକାରୀମାନଙ୍କୁ ମେ ୧ରୁ ମେ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କର ଡିଜାଇନ୍ ଦାଖଲ କରିବାକୁ ପଡ଼ିବ। ଦିଲୀପ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୂଚନା ଏବଂ ପ୍ରଚାର), ରେଳବାଇ ବୋର୍ଡଙ୍କ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ମୌଳିକତାର ପ୍ରମାଣପତ୍ର ସହିତ କୌଣସି ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁସନରେ ଦାଖଲ କରିବାକୁ ପଡିବ । ଅଂଶଗ୍ରହଣକାରୀମାନଙ୍କୁ ଏକାଧିକ ଡିଜାଇନ୍ ଦାଖଲ କରିପାରିବେ ଏବଂ ପ୍ରତ୍ୟେକ ପ୍ରବେଶ ସହିତ ଡିଜାଇନ୍ ପଛରେ ଥିବା ବିଷୟବସ୍ତୁ ଏବଂ ଧାରଣା ବ୍ୟାଖ୍ୟା କରୁଥିବା ଏକ ସଂକ୍ଷିପ୍ତ ଧାରଣା ନୋଟ୍ ରହିବା ଆବଶ୍ୟକ। ଦାଖଲ ହୋଇଥିବା ସମସ୍ତ ଡିଜାଇନ୍ ମୂଳ ହେବା ଜରୁରୀ ଏବଂ କୌଣସି ବୌଦ୍ଧିକ ସମ୍ପତ୍ତି ଅଧିକାର କିମ୍ବା କପିରାଇଟ୍ ଉଲ୍ଲଂଘନ ନ କରିବା ଆବଶ୍ୟକ ।

ସ୍କୁଲ ବର୍ଗରେ, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯୋଗ୍ୟ ଏବଂ ସେମାନଙ୍କୁ ଏକ ବୈଧ ସ୍କୁଲ ପରିଚୟପତ୍ର ଅପଲୋଡ୍ କରିବାକୁ ପଡିବ । କଲେଜ ବର୍ଗରେ ବର୍ତ୍ତମାନ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ । ଅନ୍ୟ ସମସ୍ତେ ବୃତ୍ତିଗତ ବର୍ଗ ଅଧୀନରେ ରହିବେ ।

# କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ ଓ ଶେଷ କରିବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସଏମଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସର ଟର୍ମିନାଲ ପଏଣ୍ଟ ୧୨.୦୫.୨୦୨୫ ଠାରୁ ପରିବର୍ତ୍ତନ କରାଯାଇ ଭୁବନେଶ୍ୱର ନୂତନ ଷ୍ଟେସନ ଠାରୁ ଏହାର ଯାତ୍ରା ପ୍ରାରମ୍ଭ ଏବଂ ଶେଷ କରିବ।

ଭୁବନେଶ୍ୱର ନୂତନ ଷ୍ଟେସନରେ ତିନୋଟି ଟ୍ରେନ ପାଇଁ ଟର୍ମିନାଲ ପଏଣ୍ଟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଥିବା ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ଏହି ଟ୍ରେନ ଗୁଡିକ ଭୁବନେଶ୍ୱର ନୂତନ ଷ୍ଟେସନ ଠାରୁ ଯାତ୍ରା ଆରମ୍ଭ କରିବେ । ଏହି ଟ୍ରେନଗୁଡ଼ିକ ହେଉଛି ପ ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ୍, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍।

୧୧ ମଇ ଠାରୁ ମୁମ୍ବାଇରୁ ଛାଡୁଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରେ ଏହାର ଯାତ୍ରା ଶେଷ କରିବ। ପୂର୍ବ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ, ଏହି ଟ୍ରେନ ରାତ୍ରି ୧୧ଘ.୫୫ମି.ରେ ଭୁବନେଶ୍ୱର ନୂତନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ରାତ୍ରି ୧୨ଘ.୦୨ମି.ରେ ମଞ୍ଚେଶ୍ୱରରେ ପହଞ୍ଚିବ ଏବଂ ୧୨ଘ.୦୪ମି.ରେ ଛାଡ଼ି ରାତ୍ରି ୧୨ଘ.୨୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିବ।

୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ଅପରାହ୍ଣ ୦୨ଘ.୪୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡ଼ିବ। ଏହି ଟ୍ରେନ ଅପରାହ୍ଣ ୦୨ଘ.୪୮ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ଣ ୦୨ଘ.୫୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଛାଡ଼ିବ। ଅପରାହ୍ଣ ୩ ଘଟିକାରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ।

ସେହିପରି ୧୧ ମଇ ଠାରୁ ସିକନ୍ଦରାବାଦରୁ ଛାଡୁଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରେ ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ



ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ଅପରାହ୍ଣ ୪ ଘଟିକାରେ ଭୁବନେଶ୍ୱର ନୂତନ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଅପରାହ୍ଣ ୪ଘ.୦୪ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ଣ ୪ଘ.୦ମି.ରେ ଛାଡ଼ିବ ଏବଂ ତା'ପରେ ଅପରାହ୍ଣ ୪ଘ.୨୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିବ।

୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ପୂର୍ବାହ୍ଣ ୮ ଘଟିକାରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡ଼ିବ। ଏହି ଟ୍ରେନ୍‌ଟି ପୂର୍ବାହ୍ଣ ୦୮ଘ.୦୮ ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ପୂର୍ବାହ୍ଣ ୦୮ଘ. ୧୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ପୂର୍ବାହ୍ଣ ୦୮ଘ.୨୦ ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବାହ୍ଣ ୦୮ଘ.୪୦ ମି.ରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ।

ଏହା ବ୍ୟତୀତ, ବିଶାଖାପାଟଣାରୁ ଛାଡୁଥିବା ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ୧୨ ମଇ ଠାରୁ ଭୁବନେଶ୍ୱର ନୂତନ ଷ୍ଟେସନରେ ଏହାର ଯାତ୍ରା ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ରାତ୍ରି ୧୨ଘ.୧୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନଟି ରାତ୍ରି ୧୨ଘ. ୨୦ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ରାତ୍ରି ୧୨ଘ.୨୨ମି.ରେ ଛାଡିବ ଏବଂ ତା'ପରେ ରାତ୍ରି ୧୨ଘ.୩୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିବ।

୨୨୮୧୯ ଭୁବନେଶ୍ୱର-ବିଶାଖା ପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ସକାଳ ୦୭ଘ.୧୫ ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ କରିବ। ଏହି ଟ୍ରେନଟି ସକାଳ ୦୭ଘ.୧୮ ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ସକାଳ ୦୭ଘ.୨୦ ମି.ରେରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ସକାଳ ୦୭ଘ.୨୫ ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ପୂର୍ବ ନିର୍ଦ୍ଧାରିତ ସମୟରେ ସକାଳ ୦୭ଘ.୪୫ ମି.ରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ମଇ ୨୦୨୫ ଶନିବାର





# ଯାଜପୁର କେନ୍ଦୁଝର ରୋଡ୍‌ରେ ରେଳ କର୍ମଚାରୀଙ୍କ ପାଇଁ 'ଇ-କ୍ଲିନିକ୍' ସୁବିଧାର ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, ଯାଜପୁର-ଯଖପୁରା ସେକ୍ସନରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ପାଇଁ ଯାଜପୁର କେନ୍ଦୁଝରରୋଡ଼ ରେ, 'ଇ-କ୍ଲିନିକ୍' ସୁବିଧାର ଉଦ୍‌ଘାଟନ କରିଛନ୍ତି। ଏହି ଇ-କ୍ଲିନିକ୍ ଦ୍ୱାରା, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନେ ଅନଲାଇନ୍ ମୋଡ୍ ମାଧ୍ୟମରେ ଚିକିତ୍ସା ସହାୟତା ପାଇ ପାରିବେ। ଏହି ପ୍ରକାରର ଇ-କ୍ଲିନିକ୍ ସୁବିଧା ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଛି।

ଏହି ଇ-କ୍ଲିନିକ୍ ସୁବିଧା ଆଉଟସୋର୍ସିଂ ମାଧ୍ୟମରେ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ କରାଯାଇଛି ଏବଂ ଏହା ଯାଜପୁର-ଜଖପୁରା ସେକ୍ସନରେ କାର୍ଯ୍ୟରତ ୬୮୫ ଜଣ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କ ଚିକିତ୍ସା ଆବଶ୍ୟକତା ପୂରଣ କରିବ, ଯେଉଁଥିରୁ ୫୩୫ ଜଣ ରନିଂ ଷ୍ଟାଫ୍ ଅଛନ୍ତି। ପୂର୍ବରୁ ଏହି ସେକ୍ସନର ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସେମାନଙ୍କର ଚିକିତ୍ସା ପାଇଁ ଭଦ୍ରକର ରେଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଉଥିଲେ।

ଇ-କ୍ଲିନିକ୍ ସୁବିଧାରେ ଅନେକ ବୈଶିଷ୍ଟ୍ୟ ରହିଛି ଯେପରିକି ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ୟୁଏମଆଇଡି କାର୍ଡ ପଞ୍ଜିକରଣ ପରେ ଅନଲାଇନ୍ ମୋଡ୍‌ରେ ଡାକ୍ତର ଏବଂ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିପାରିବେ। ପଞ୍ଜିକୃତ ସଦସ୍ୟଙ୍କ ପାଇଁ ଇ-ପରାମର୍ଶ ୨୪×୭ ଉପଲବ୍ଧ ହେବ। ରୋଗୀମାନେ ଇ-କ୍ଲିନିକ୍‌ରେ ଫାର୍ମାସିଷ୍ଟଙ୍କଠାରୁ ପ୍ରେସକ୍ରିପସନ୍ ହୋଇଥିବା ଔଷଧ ପାଇପାରିବେ। ଇ-କ୍ଲିନିକ୍‌ରେ ପାଥୋଲୋଜିକାଲ୍ ପରୀକ୍ଷା ସୁବିଧା ମଧ୍ୟ ଉପଲବ୍ଧ।

ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏପରି ଏକ ଅନନ୍ୟ ପଦକ୍ଷେପ ଗ୍ରହଣ କରିଥିବାରୁ ଖୋର୍ଦ୍ଧା ରୋଡ୍ ଡିଭିଜନର ଚିକିତ୍ସା ବିଭାଗକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ସେକ୍ସନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଇ-କ୍ଲିନିକ୍ ସୁବିଧାର ପୂର୍ଣ୍ଣ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, (ଅପରେସନ) ପି.କେ. ବେହେରା, ଖୋର୍ଦ୍ଧା ରୋଡ୍‌ର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ଶତପଥୀ ଏବଂ ଡିଭିଜନର ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରେନରେ ଚାରିଧାମ ଯାତ୍ରା

# ଚାରିଧାମ ଯାତ୍ରା ପାଇଁ ଭାରତ ଗୌରବ ଡିଲକ୍ସ ଟ୍ରେନ ଚଳାଚଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବଦ୍ରିନାଥ, ଜଗନ୍ନାଥ ପୁରୀ, ରାମେଶ୍ୱରମ୍ ଏବଂ ଦ୍ୱାରକା ଦେଶର ଚାରି ଦିଗରେ ଅବସ୍ଥିତ ଏପରି ଚାରୋଟି ପବିତ୍ର ସ୍ଥାନ ଯାହାକୁ ପ୍ରତ୍ୟେକ ଭାରତୀୟ ପରିଦର୍ଶନ କରିବାକୁ ଇଚ୍ଛା କରନ୍ତି। ଦେଶର ଏହି ଚାରିଧାମକୁ ଟ୍ରେନରେ ଯାତ୍ରା କରିବା ସମ୍ଭବ। ଏଥିପାଇଁ ଭାରତୀୟ ରେଳବାଇ ଦ୍ୱାରା ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍ ଚଳାଚଳ କରାଯାଉଅଛି। ଚାରିଧାମକୁ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ପୂର୍ବରୁ ଦୁଇଥର ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍ ଚଳାଚଳ କରିସାରିଛି।

ଏହି ବର୍ଷ, ୧୭ ଦିନିଆ ଚାରିଧାମ ଭାରତ ଗୌରବ ଡିଲକ୍ସ ଯାତ୍ରା ମେ ୨୭ ତାରିଖରେ ଦିଲ୍ଲୀର ସଫଦରଜଙ୍ଗ ରେଳ ଷ୍ଟେସନରୁ ଆରମ୍ଭ ହେବ। ଏହା ଅଧୀନରେ ବଦ୍ରିନାଥ, ମାନା ଗ୍ରାମ, ନରସିଂହ ମନ୍ଦିର, ଜୋଶିମାଥ, ଋଷିକେଶ, ଜଗନ୍ନାଥ ମନ୍ଦିର, ପୁରୀ ବେଳାଭୂମି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭଗା ବିଚ୍, ରାମନାଥସ୍ୱାମୀ ମନ୍ଦିର ଏବଂ ଧନୁଶକୋଡି, ରାମେଶ୍ୱରମ୍ ଏବଂ ଦ୍ୱାରକାଲୀଙ୍ଗ, ଜ୍ୟୋତିର୍ଲିଙ୍ଗ ଏବଂ ଭେଣ୍ଟଦ୍ୱାର୍କା ଅନ୍ତର୍ଗତ ଧନୁଶକୋଡି ପରି ସ୍ଥାନଗୁଡିକ ପରିଭ୍ରମଣ କରାଯିବ। ଏହି ଯାତ୍ରାରେ ଯାଉଥିବା ଯାତ୍ରୀମାନଙ୍କୁ ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର, ପୁଣେର ଭୀମାଶଙ୍କର ମନ୍ଦିର ଏବଂ ନାସିକର ତ୍ରୟମ୍ବକେଶ୍ୱର ମନ୍ଦିର ପରିଦର୍ଶନରେ ମଧ୍ୟ ସୁଯୋଗ ଉପଲବ୍ଧ କରାଯିବ।

୧୭ ଦିନର ଯାତ୍ରା ମଧ୍ୟରେ ସମସ୍ତ ଭକ୍ତ ୮୪୨୫ କିଲୋମିଟର ଯାତ୍ରା କରିବେ। ଏହା ଉଲ୍ଲେଖନୀୟ ଯେ ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନରେ ଅନେକ ଆଧୁନିକ ଆରାମଦାୟକ ବୈଶିଷ୍ଟ୍ୟ ଯୋଡା ଯାଇଛି ଯେଉଁଥିରେ ଦୁଇଟି ଡାଇନିଂ ରେଷ୍ଟୁରାଣ୍ଟ, ଏକ ଆଧୁନିକ ରୋଷେଇ ଘର ଏବଂ ଗାଧୋଇବା ପାଇଁ କ୍ୟୁବିକ୍ ବାଥରୁମ୍ ଅନ୍ତର୍ଭୁକ୍ତ। ସମସ୍ତ କୋଚରେ ବାୟୋ-ଟଏଲେଟ୍ ସହିତ ଶୌଚାଳୟ ଯୋଗାଇ ଦିଆଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ପାଦ ମସାଜର ମଧ୍ୟ ଉପଲବ୍ଧ କରାଯାଇଅଛି। ଏହି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଟ୍ରେନରେ ପ୍ରଥମ ଏସି, ଦ୍ୱିତୀୟ ଏସି ଏବଂ ତୃତୀୟ ଏସିରେ ଟିକେଟ ବୁକ୍ କରାଯାଇପାରିବ। ଟ୍ରେନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା ଏବଂ ସୁରକ୍ଷାକର୍ମୀଙ୍କ ବ୍ୟବସ୍ଥା ମଧ୍ୟ କରାଯାଇଛି।

ଏହି ଟ୍ରେନ୍ ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ ମାଧ୍ୟମରେ ପରିଚାଳିତ ହେବ। ଆଇଆରସିଟିସି ୱେବସାଇଟ୍ ମାଧ୍ୟମରେ ମଧ୍ୟ ଟିକେଟ୍ ବିକ୍ରି କରାଯିବ। ଏଥିପାଇଁ ଏକ ପ୍ୟାକେଜ୍ ହାର ସ୍ଥିର କରାଯାଇଛି ଯେଉଁଥିରେ ଯାତ୍ରା ଟିକେଟ୍ ସହିତ ତିନି ତାରକା ହୋଟେଲରେ ରହିବା, ଦିନକୁ ତିନିଥର ଭୋଜନ, ସମ୍ପୂର୍ଣ୍ଣ ଦର୍ଶନୀୟ ସ୍ଥାନ ବ୍ୟବସ୍ଥା, ଯାତ୍ରା ବୀମା ଏବଂ ଟୁର୍ ପରିଚାଳକଙ୍କ ସେବା ଅନ୍ତର୍ଭୁକ୍ତ। ଏହି ଟ୍ରେନରେ ବୁକିଂ ପାଇଁ ୧୫୦ଟି ସିଟ୍ ଉପଲବ୍ଧ ଅଛି ଯାହା ପ୍ରଥମେ ଆସ ପ୍ରଥମେ ସେବା ଆଧାରରେ ବୁକ୍ କରାଯିବ।

ଟ୍ରେନ ସମ୍ପର୍କରେ ବିସ୍ତୃତ ସୂଚନା ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନର ୱେବସାଇଟ୍ ଏବଂ ସେମାନଙ୍କର ୱେବ୍ ପୋର୍ଟାଲରେ ଉପଲବ୍ଧ। ଭାରତୀୟ ରେଳବାଇର ସୂଚନା ଏବଂ ପ୍ରଚାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି ଯେ ଦେଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍ ପରିଚାଳିତ ହେଉଛି। ଏହି ଟ୍ରେନ୍‌ଗୁଡିକର ପରିଚାଳନା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିବା ସହଜ ହୋଇଯାଇଛି।

# ତୁଳସୀ କ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ତୁଳସୀ କ୍ଷେତ୍ରରେ ଅକ୍ଷୟ ତୃତୀୟା ଏକୋଇଶି ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ। ଘୋଷ ଯାତ୍ରା ପାଇଁ ରଥ ଅନୁକୂଳ ପବିତ୍ର ଅକ୍ଷୟ ତୃତୀୟା ତିଥି ଥିବାରୁ ତୁଳସୀ କ୍ଷେତ୍ରରେ ଭିଡ଼ ଲାଗି ରହିଥିଲା। ପବିତ୍ର ଦିନ ଥିବାରୁ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ଆଜ୍ଞା ମାଳ ପ୍ରସାଦ ପୂର୍ବକ ଗୃହ ମାଙ୍ଗଳିକ କାର୍ଯ୍ୟ ଶୁଭ ଦିନ ଥିବାରୁ ସମସ୍ତ କାର୍ଯ୍ୟ କରିଥାନ୍ତି। ପ୍ରତ୍ୟୁଷରୁ ଦ୍ୱାର ଉନ୍ମୁକ୍ତ କରାଯାଇ ଜୟ ମଙ୍ଗଳା ଆଳତି ପରେ ନୀତି ସ୍ନାନ ସୂର୍ଯ୍ୟ ଚନ୍ଦ୍ର ଦ୍ୱାରପାଳ ପୂଜା ଗୋପାଳ ବଲ୍ଲଭ ସକାଳ ଧୂପ ସମ୍ପନ୍ନ ହୋଇଥିଲା। ପରେ ପୂଜା ପଣ୍ଡା ମାନଙ୍କ ଦ୍ୱାରା ବସ୍ତ୍ର ଓଲାଗି କରାଯାଇ ନୂତନ ଶୁକ୍ଳ ଧୋତି ଚାଦର ପଞ୍ଚ ଲହରୀକୁ ଶ୍ରୀ ଜୀଉ ପରିଧାନ କରିଥିଲେ। ଅକ୍ଷୟ ତୃତୀୟା ଠାରୁ ପାଟ ମଉଳି ପରିତ୍ୟାଗ କରି ଥାଆନ୍ତି ପରେ ଘଟ ସ୍ଥାପନ ମଙ୍ଗଳାର୍ପଣ କରାଯାଇ ପଣା ପଖାଳ ଭୋଗ କରାଯାଇଥିଲା। ଭୋଗ ସମ୍ପନ୍ନ ପରେ ରଥ ଯାତ୍ରା ପାଇଁ ରଥ ଅନୁକୂଳ କରାଯାଇଥିଲା। ପୂଜା ପଣ୍ଡା ସେବକ ଦ୍ୱାରା ଆଜ୍ଞା ମାଳ ସିରିପା ମହାରଣା କମାର ସେବକଙ୍କ ମସ୍ତକରେ ବନ୍ଧାଯାଇ ଅନୁକୂଳ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଯାତ୍ରା କରିଥିଲେ। ଚନ୍ଦନ ପୁଷ୍କରିଣୀକୁ ନନ୍ଦା ଭଦ୍ରାର ସୁସଜ୍ଜିତ ନୌକାରେ ଯାତ୍ରା କରିଥିଲେ। ପୁଷ୍କରିଣୀ ମନ୍ଦିର ଚତୁଃ ପାର୍ଶ୍ୱ ଭ୍ରମଣ ପରେ ସୁବାସିତ ପୁଷ୍ପ ଅଗୁରୁ କୁଣ୍ଡ ଜଳରେ ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ସ୍ନାନ କରିଥାଆନ୍ତି। ଯାତ୍ରାର ଲୋକ କଥା ଅନୁସାରେ ଅତ୍ୟଧିକ ଗ୍ରୀଷ୍ମରୁ ରକ୍ଷା ପାଇଁ ପ୍ରଭୁ ଯାତ୍ରା କରିଥାନ୍ତି। ରାତ୍ର ପର୍ଯ୍ୟନ୍ତ ସ୍ନାନ ନୀତି ଚାଲିଥାଏ। ପରେ କେଳି କାକରା ଡାଲିମ୍ବ ପଣା ଭୋଗ ପରେ ବିଶ୍ରାମ ଟୁଙ୍ଗିରେ ବିଶ୍ରାମ ନିଅନ୍ତି। ବିଶ୍ରାମ ପରେ ମନ୍ଦିରକୁ ବାହୁଡ଼ି ଥାଆନ୍ତି ବଡ ସିଂହାର ପୁଷ୍ପାଞ୍ଜଳି ହୋଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିବା କାର୍ଯ୍ୟ ନିର୍ବାହୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

# ଦିଘାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାର ତଦନ୍ତ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛିଦିନ ଧରି ଦ୍ୱନ୍ଦାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଚର୍ଚ୍ଚାହେବା ବିଷୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଅଟେ। ଏଭଳି କଥାଗୁଡ଼ିକ ଜଗନ୍ନାଥପ୍ରେମୀ ଭକ୍ତ ସମାଜ ଓ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସଂପୂର୍ଣ୍ଣ ଘଟଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅନ୍ତରୀଣ ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଯଦି କେହି ଦୋଷୀ ସାବ୍ୟସ୍ତ ହେଉଛନ୍ତି ବା ଜ୍ଞାତସାରରେ ଥାଇ ଏଭଳି ଘଟଣା ଘଟାଉଛନ୍ତି ସେ ବାବଦରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଦଣ୍ଡବିଧାନ କରିବାର ପ୍ରାବଧାନ କରିବାକୁ ମନ୍ତ୍ରୀ ତାଙ୍କ ପତ୍ର ଜରିଆରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି।

# 'ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ'ରେ 'ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଫଟୋ ସ୍ମୃତିଚାରଣର ପ୍ରତିଚ୍ଛବି। ଭାବାବେଗ, ସୃଜନଶୀଳତା ଏବଂ ନୂତନ କଳ୍ପନାର ପ୍ରତୀକ। ଏହି ବାର୍ତ୍ତାକୁ ବାଣ୍ଟିବା ଉଦ୍ଦେଶ୍ୟରେ ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନ ଠାରେ 'ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ' ଅବସରରେ ଆୟୋଜିତ ହୋଇଯାଇଛି ଦୁଇଦିନିଆ ରାଜ୍ୟ ସ୍ତରୀୟ ଫଟୋ ପ୍ରଦର୍ଶନୀ- ୨୦୨୫।




'ସମ୍ବାଦକଳିକା'ର ଫଟୋ ସାମ୍ବାଦିକ ସଦାନନ୍ଦ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର ସାମ୍ବାଦିକ ସଂଘ (ବିଜେଏ) ପକ୍ଷରୁ ଆୟୋଜିତ ଏହି ଫଟୋ ପ୍ରଦର୍ଶନୀକୁ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର କଥାବସ୍ତୁ ରହିଥିଲା "ପ୍ରେସ୍ ଫର୍ ଦ ପ୍ଲାନେଟ୍"। ପରିବେଶ ସଚେତନତା ଏବଂ ସ୍ଥାୟୀତାକୁ ପ୍ରୋତ୍ସାହିତ କରିବାରେ ଏକ ମୁକ୍ତ ପ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆକର୍ଷଣୀୟ ଫଟୋଚିତ୍ର ମାଧ୍ୟମରେ ଏହି ପ୍ରଦର୍ଶନୀରେ ପ୍ରେସ୍ ସ୍ୱାଧୀନତା ଏବଂ ଧରାପୃଷ୍ଠର ସୁରକ୍ଷା ଉପରେ ମହତ ବାର୍ତ୍ତା ଦିଆଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କଂଗ୍ରେସର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ରାଉତରାୟ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ଭୁବନେଶ୍ୱର ଫଟୋଗ୍ରାଫିର ପ୍ରତିଷ୍ଠାତା ସଦସ୍ୟ ସିଦ୍ଧାର୍ଥ ଦେ', 'ଆମ ଟିଭି'ର ପରିଚାଳନା ନିର୍ଦ୍ଦେଶକ ପ୍ରଣୟ ଜେଠି, ପୂର୍ବତନ କର୍ପୋରେଟର ନରେନ ସାହୁ ଓ ଉମାକାନ୍ତ ମିଶ୍ର ସମସାମୟିକ ସମୟରେ ଏଭଳି କଥାବସ୍ତୁ ଉପରେ ଅନୁଷ୍ଠିତ ପ୍ରଦର୍ଶନୀର ଭୂୟସୀ ପ୍ରଶଂସା କରିବା ସହ ଭୁବନେଶ୍ୱର ସାମ୍ବାଦିକ ସଂଘର ଉଲ୍ଲେଖନୀୟ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଜିଲ୍ଲାରୁ ୩୦ ଜଣରୁ ଅଧିକ ଫଟୋ ସାମ୍ବାଦିକ ଏଥିରେ ସାମିଲ ହୋଇଥିଲେ। ଫଟୋ ସାମ୍ବାଦିକ, ଫଟୋଗ୍ରାଫର, ଛାତ୍ରଛାତ୍ରୀ, ଫଟୋପ୍ରେମୀମାନେ ଏହି ପ୍ରଦର୍ଶନୀକୁ ବୁଲିବା ସହ ମୋବାଇଲରେ ଫଟୋଗୁଡ଼ିକୁ ଉତ୍ତୋଳନ କରିଥିଲେ।

ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ମହାନ୍ତିଙ୍କ ଉପସ୍ଥିତି ଏବଂ ସହଯୋଗରେ ଭୁବନେଶ୍ୱର ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଦସ୍ୟ ପ୍ରକାଶ କୁମାର ସାହୁ କାର୍ଯ୍ୟକ୍ରମର ପରିଚାଳକ ଭାବରେ ସବୁପ୍ରକାର ଦାୟିତ୍ୱ ତୁଲାଇଥିଲେ। ସାମ୍ବାଦିକ ପ୍ରଦୀପ କୁମାର ଜେନା ମଞ୍ଚ ପରିଚାଳନା କରିବା ସହ ଶେଷ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଏହି ପ୍ରଦର୍ଶନୀକୁ ଅନୁଭବ କରିବା ପାଇଁ ସବୁ ବର୍ଗ ବିଶେଷ ଭାବରେ ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ଆହ୍ୱାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ୭ଜିଲ୍ଲାରେ ହାଇ...

ଦେଇ ପଳାଇଥିଲେ, ଯାହା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲା। ସେହିପରି, ୨୦୧୩ରେ ରାଉରକେଲାରେ ପାଞ୍ଚ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ରାଜ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଚ୍ୟାଲେଞ୍ଜକୁ ଆହୁରି ସ୍ପଷ୍ଟ କରିଛି।

### ପାସ୍ ହାର ୯୪.୯୩ %...

ଗ୍ରେଡ୍‌ରେ ୮୪ ହଜାର ୯୭୧ ଜଣ, ସି ଗ୍ରେଡ୍‌ରେ ୧ ଲକ୍ଷ ୩୩ ହଜାର ୮୮୨ ଜଣ ପାସ୍, ଡି ଗ୍ରେଡ୍ ରେ ୧ ଲକ୍ଷ ୪୬ ହଜାର ୧୫୪ ଜଣ, ଇ ଗ୍ରେଡ୍‌ରେ ୬୭୦୧୩ରେ ହୋଇଛନ୍ତି। ସେହିପରି ମଧ୍ୟମାରେ ୨୯୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୮୬୮ ଜଣ ପାସ୍ କରିଛନ୍ତି। ମଧ୍ୟମାରେ ପାସ୍ ହାର ରହିଛି ୮୫.୭୯ %। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ୫୫୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୮୧ ଜଣ ପାସ୍ କରିଛନ୍ତି। ପାସ୍ ହାର ୭୪.୭୮ % ରହିଛି। ଗଜପତି ଜିଲ୍ଲାରେ ସର୍ବାଧିକ ୯୯. ୩୫ ପ୍ରତିଶତ ପାସ୍ ହାର ରହିଥିବା ବେଳେ କୋରାପୁଟରେ ସର୍ବନିମ୍ନ ୯୨.୮୩ ପ୍ରତିଶତ ପାସ୍ ହାର ରହିଛି। ସେହିଭଳି କଟକରେ ପାସ୍ ହାର ରହିଛି ୯୭.୬୮%। ଜଗତସିଂହପୁରରେ ୯୭.୦୯%, ଯାଜପୁରରେ ୯୫.୦୪%, କେନ୍ଦ୍ରାପଡାରେ ୯୬.୪୧%, ରାୟଗଡାରେ ୯୭.୩୩%, ମାଲକାନଗିରିରେ ୯୬.୪୧%, ନବରଙ୍ଗପୁରରେ ୯୫.୧୭% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେହିଭଳି, ଅନଗୁଳରେ ୯୫.୮୮%, ଢେଙ୍କାନାଳରେ ୯୩.୭୧%, ପୁରୀରେ ୯୭.୧୭%, ଖୋର୍ଦ୍ଧାରେ ୯୭.୩୧%, ନୟାଗଡ଼ରେ ୯୬.୯୧%, ବାଲେଶ୍ୱରରେ ୯୭.୫୬%, ଭଦ୍ରକରେ ୯୫.୬୭%, କେନ୍ଦୁଝରରେ ୯୪.୩୦%, ମୟୂରଭଞ୍ଜରେ ୯୬.୯୯% ପାସ୍ ହାର ରହିଛି। ଗଞ୍ଜାମରେ ୯୮.୧୦%, ବୌଦ୍ଧରେ ୯୭.୪୧%, କନ୍ଧମାଳରେ ୯୭.୪୫%, କଳାହାଣ୍ଡିରେ ୯୫.୨୨%, ନୂଆପଡାରେ ୯୭.୦୫%, ବରଗଡ଼ରେ ୯୭.୦୯%, ସମ୍ବଲପୁରରେ ୯୭.୨୬%, ଦେବଗଡ଼ରେ ୯୬.୧୭% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଝାରସୁଗୁଡାରେ ୯୭.୮୭%, ବଲାଙ୍ଗୀରରେ ୯୫.୪୮%, ସୋନପୁରରେ ୯୬.୨୨%, ସୁନ୍ଦରଗଡ଼ରେ ୯୭.୬୧% ପାସ୍ ହାର ରହିଛି। ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ. ବିଏସଇ□ଓଡ଼ିଶା.ଏସି.ଇନ୍‌ରେ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ଦେଖିହେବ। ଇଣ୍ଟରନେଟ୍ ସୁବିଧା ନଥିଲେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ମୋବାଇଲ ଫୋନରେ ମେସେଜ୍ କଲେ ମଧ୍ୟ ପାଇପାରିବେ ରେଜଲ୍ଟ। ଏଥିପାଇଁ ଓଆର୧୦ ରୋଲ ନଂ ଲେଖି ୫୬୭୬୭୫୦କୁ ଏସଏମଏସ କଲେ ମୋବାଇଲରେ ରେଜଲ୍ଟ ଦେଖିହେବ। ପରୀକ୍ଷା ଫଳ ସମ୍ବନ୍ଧରେ ଯେକୌଣସି ସମସ୍ୟା ଥିଲେ ୦୬୭୧-୨୪୧୨୦୫୯, ୨୪୧୨୦୬୦ ଏବଂ ୮୭୬୩୦୮୮୮୯୦ ମାଧ୍ୟମରେ ଯୋଗାଯୋଗ କରି ସମାଧାନ ପାଇପାରିବେ। ଏହି ସେବା ସକାଳ ୧୦ ଟା ବାଜି ୩୦ ମିନିଟ୍‌ରୁ ଅପରାହ୍ଣ ୫ ଟା ଯାଏଁ ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଏହା ମେ'୨ ରୁ ୯ ତାରିଖ ଯାଏଁ ଉପଲବ୍ଧ ରହିବ। ଚଳିତ ବର୍ଷ ୭୨ ଘଣ୍ଟା ପରେ ୱେବସାଇଟ୍ ଏଚଟିପିପିଏସ୍://ବିଏସଇଡିଜିସାର୍ଟିଫିକେଟ୍.ଓଡ଼ିଶା.ଜିଓଭି.ଇନ୍/ ମାଧ୍ୟମରେ ଡିଜିଟାଲ୍ ମାଟ୍ରିକ୍ ପ୍ରମାଣପତ୍ର ପାଇପାରିବେ ଛାତ୍ରଛାତ୍ରୀ। ଏଥିସହ ହ୍ୱାଟ୍ସଆପ ନମ୍ବର ୭୭୧୦୦-୫୮୧୯୨ ମାଧ୍ୟମରେ ମଧ୍ୟ ଛାତ୍ରଛାତ୍ରୀ ଡିଜିଟାଲ ମାଟ୍ରିକ ପ୍ରମାଣପତ୍ର ପାଇପାରିବେ। ମେ' ୫ରୁ ମେ' ୧୬ ମଧ୍ୟରେ ଛାତ୍ରଛାତ୍ରୀ ରିଚେକିଂ ପାଇଁ ଆବେଦନ କରିପାରିବେ। ଅନଲାଇନ୍ ମାଧ୍ୟମରେ ହାଇସ୍କୁଲ ସାର୍ଟିଫିକେଟ୍ ଛାତ୍ରଛଆତ୍ରୀ ଆବେଦନ କରିପାରିବେ ଏବଂ ଅଫଲାଇନ୍ ଏସଓସିଏସ୍ ଏବଂ ମଧ୍ୟମା ଛାତ୍ରଛାତ୍ରୀ ଆବେଦନ କରିବେ। ଏଥିସହ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀମାନେ ୱେବସାଇଟ ମାଧ୍ୟମରେ ମେ ୧୪ ରୁ ମେ ୨୬ ମଧ୍ୟରେ ଆବେଦନ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

### କୃଷି ଓ କୃଷକ...

ବିହନ ନିଗମ ଲିମିଟେଡ଼ ସହ ହୋଇଥିବା ସହଭାଗୀତା ଓଡ଼ିଶାର ବିହନ ଉତ୍ପାଦନ ଏବଂ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ଲକ୍ଷ୍ୟ ରଖିଛି। କୃଷି ବିଭାଗ ପ୍ରଜନନକାରୀ ପ୍ରାମାଣିକ ବିହନର ସମୟୋଚିତ ଯୋଗାଣ ସୁନିଶ୍ଚିତ କରି ଚାଷୀଙ୍କ ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବ। ଏହି ସହଯୋଗରେ ଉଭୟପକ୍ଷ ସମନ୍ୱିତ ଚାଷୀ ସଚେତନତା ଅଭିଯାନ ମାଧ୍ୟମରେ ବିହନ ପ୍ରତିସ୍ଥାପନ ଓ କିସମ ଉନ୍ନତିକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଏଥିପାଇଁ ୫୬ କୋଟି ଟଙ୍କାର କାରବାର ଲକ୍ଷ୍ୟ ରହିଛି। ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ଼ ୬,୫୦୦ଟି ବ୍ୟବସାୟିକ ଉଦ୍ୟମ ନିର୍ମାଣ ସହିତ ୨୫୦ କୋଟି ମୂଲ୍ୟର ସବସିଡ଼ି ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ସେଥିରୁ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୨୦୦ କୋଟି ଏବଂ ଶୀତଳ ଭଣ୍ଡାର ସହାୟତା ଯୋଜନା ପାଇଁ ୫୦ କୋଟି ରହିଛି। ଅନୁରୂପଭାବେ, ଓଡ଼ିଶାରେ କାଜୁ ଚାଷକୁ ସୁଦୃଢ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ନିଗମ ୫୦୦ ହେକ୍ଟର ହାଇବ୍ରିଡ଼ କାଜୁ ପୁନଃରୋପଣ କାର୍ଯ୍ୟକ୍ରମ ଏବଂ ୧୩୩୬.୨୨ ହେକ୍ଟରରୁ ଅଧିକ ବୃକ୍ଷର ରକ୍ଷଣାବେକ୍ଷଣ କରିବ। ଏହାଛଡ଼ା ଏହାର ବିଦ୍ୟମାନ ୨୦ଟି କ୍ଲୋନାଲ୍ ନର୍ସରୀରୁ ୩୫ ଲକ୍ଷ ହାଇବ୍ରିଡ଼ କାଜୁ କଲମ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଏହି ଏମଓୟୁ ସ୍ୱାକ୍ଷରିତବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନକୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତିଭିତ୍ତିକ ଜନଗଣନା: ବିରୋଧୀଙ୍କୁ...

୨୦୨୪ ଲୋକସଭା ନିର୍ବାଚନରେ ଅଖିଳେଶଙ୍କ ଦଳ କଂଗ୍ରେସ ସହିତ ମେଣ୍ଟ କରି ଏହି ପ୍ରସଙ୍ଗକୁ ଦୃଢ ଭାବରେ ଉଠାଇଥିଲା। ରାଜନୈତିକ ବିଶେଷଜ୍ଞଙ୍କ ମତରେ ବିଜେପିର ଏହି ନିଷ୍ପତ୍ତି ଆଗାମୀ ବିହାର ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଏକ ମାଷ୍ଟରଷ୍ଟୋକ୍ ପ୍ରମାଣିତ ହୋଇପାରେ। ସେହିପରି ଦେଶର ଆଗାମୀ ଜନଗଣନାରେ ଜାତିଭିତ୍ତିକ ଜନଗଣନାକୁ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି।

### ସରକାରର ବର୍ଷପୂର୍ତ୍ତି ଉତ୍ସବ ପାଳନ...

ଉପସ୍ଥାପନ କରିବା, ନାଗରିକ ଭାଗୀଦାରୀ, ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ମାନିତ କରୁଥିବା ଅନୁଷ୍ଠାନ, ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ଆଦି କାର୍ଯ୍ୟକ୍ରମକୁ ହାତକୁ ନେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶ୍ରୀମତୀ ପାଢ଼ୀ ବିଭାଗୱାରୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରୀ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉତ୍ସବ ଏକ ନାଗରିକ କୈନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ବ ଭାବେ ଆୟୋଜିତ କରାଯିବ। ବୈଠକରେ ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ତିଆରି କରିବା ଏବଂ ଏହି ଉତ୍ସବର ସଫଳତା ପାଇଁ ସମସ୍ତ ବିଭାଗ ଓ ସହଯୋଗୀଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ଓୱେସୀଙ୍କ ହୁଙ୍କାର...

ପଠାନକୋଟ ଆକ୍ରମଣ ଏବଂ ଭାରତର ଏୟାରଷ୍ଟ୍ରାଇକକୁ ଉଦାହରଣ ଦେଇ ଓ୍ୱେସୀ କହିଛନ୍ତି, ଏଥର କିନ୍ତୁ କେବଳ ପାକିସ୍ତାନ ଘରେ ପଶି ମାରନାହିଁ, କବଜା କର। ୨୦୧୯ରେ ଆମ ନିକଟରେ ସୁଯୋଗ ଥିଲା। ଯେଉଁଠାରୁ ଆମ ଦେଶକୁ ଆତଙ୍କବାଦୀ ଆସୁଛନ୍ତି, ସେହି ଅଞ୍ଚଳକୁ ଆମେ କବଜା କରିନେବାର ଥିଲା। ମୋଦୀ ସରକାରକୁ ଏତିକି କହିବାକୁ ଚାହୁଁଛି, ଏଥର ଯଦି ଆମେ ତାଙ୍କ ଘରେ ପଶୁଛେ, ତେବେ ଆମକୁ ସେଠାରେ ବସିଯିବାର ଅଛି। ସେହି ଅଞ୍ଚଳକୁ ଦଖଲକୁ ନେବାର ଅଛି। ପାକ୍ ଅଧିକୃତ କାଶ୍ମୀର (ପିଓକେ) ସମ୍ପର୍କରେ ଓ୍ୱେସୀ କହିଥିଲେ, ପିଓକେ ଭାରତ ଅଂଶ ଏବଂ ଏହା ଆମ ସଂସଦର ସଙ୍କଳ୍ପ। ପିଓକେ ଦେଶର ଅଭିନ୍ନ ଅଂଶ। ଏହାକୁ କେହି ମନା କରିପାରିବେ ନାହିଁ।

### ବରିଷ୍ଠ ଆଇପିଏସ୍ ...

ଅତିରିକ୍ତ ଡିଜି ହୋଇଥିବାବେଳେ ପ୍ରତୀକ ମହାନ୍ତିଙ୍କୁ ଅତିରିକ୍ତ ଡିଜି ହେଡ୍‌କ୍ୱାର୍ଟର୍ସ ପଦ ମିଳିଛି। ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଏସ୍‌ପି ପଦରେ ନିଯୁକ୍ତି ମିଳିଛି।

### ପାକିସ୍ତାନ ଗୁପ୍ତଚର...

(ଆଇଏସଆଇ) ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲା। ରାଜସ୍ଥାନର ଗୁଇନ୍ଦା ବିଭାଗ ତା'କୁ ଗିରଫ କରିଛି। ସେ ଭାରତ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଇଏସଆଇକୁ ପ୍ରଦାନ କରିଥିବା ସୂଚନା ମିଳିଛି। ପଠାନ୍ ୨୦୧୩ରେ ପାକିସ୍ତାନ ଗସ୍ତ କରିଥିଲା। ସେହି ସମୟରେ ସେ ଆଇଏସଆଇ ସମ୍ପର୍କରେ ଆସିଥିଲା। ଗତ ଏକ ମାସ ତଳେ ଗୁଇନ୍ଦା ବିଭାଗ ତା'କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ଶେଷରେ ଗୁପ୍ତଚରଗିରି ସ୍ପଷ୍ଟ ହେବା ପରେ ଗୁରୁବାର ତାକୁ ଗିରଫ କରାଯାଇଛି।

# ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ୍ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାର ସଫଳ ତଦାରଖ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରି ପରାମର୍ଶ ଦେଇଛନ୍ତି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି। ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ ଏବଂ ଏହା ସହ ଜଡିତ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ବିଭିନ୍ନ ବିଭାଗର ସଂପୃକ୍ତି ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, "ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ହେଲେ ଉତ୍ତମ ସମନ୍ୱୟ, ମିଳିତ ଯୋଜନା ସହିତ କାର୍ଯ୍ୟାନ୍ୱୟନ ଫଳରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ।



ଭୁବନେଶ୍ୱର : ଜୟଦେବ ଭବନ ଠାରେ ଶୁକ୍ରବାର ଆୟୋଜିତ ଫକୀର ହରିଚନ୍ଦନଙ୍କ ଜନ୍ମ ଶତବାର୍ଷିକୀ ସମାପନ ସମାରୋହ ଅବସରରେ ବିଶିଷ୍ଟ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ଜାତୀୟ ସ୍ମାରକ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ଅରବିନ୍ଦ ପଟ୍ଟନାୟକଙ୍କ ଉପସ୍ଥିତିରେ ଉଚ୍ଚନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT81
ତା.26.04.2025ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ସରଳା-ଶାସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଶାସନ ଷ୍ଟେସନଠାରେ ସଂକେତ ଏବଂ ଦୂରଂସଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ ଏବଂ ସରଳା ଷ୍ଟେସନରେ M/S KYOSAN ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ।"

**ଆନୁମାନିକ ମୂଲ୍ୟ :** ₹ 20,26,88,159/-, EMD : ₹ 11,63,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ :** ତା.19.05.2025ରିଖ 1500 ଘଟିକାରେ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ : www.ireps.gov.in ରେ ଉପଲବ୍ଧ ହେବ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର

PR-16/CI/25-26



**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 1661/ dt.29.04.2025**

C-210

The Executive Officer, Paradeep Municipality on behalf of Paradeep Municipality, Paradeep, Dist-Jagatsinghpur invites sealed quotations from the intending registered suppliers/ agencies having valid eligible license/ registration certificate, PAN, GSTIN from competent authority in order to supply of vehicle (details in BoQ-A) to Paradeep Municipality for different works. The quotation schedule (DTCN) along with terms and conditions can be downloaded from Paradeep Municipality website www.paradeepmunicipality .in from 10.00 AM date.02.05.2025 to date. 13.05.2025 upto 5.00 PM. The quotation alongwith all documents should reach the office of the Paradeep Municipality, Paradeep on or before dt. 14.05.2025 upto 11.00 AM. Quotation reached after due date and time will not be taken into consideration. The quotation will be opened on the same day i.e. dt. 14.05.2025 at 1.00 PM.

Sd/- Executive Officer
Paradeep Municipality

OIPR-13120/11/0036/2526



E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

B-79

File No-B-I-OLL&C-01/2025 Lr. No.- 17197 Bhubaneswar, the 29th April, 2025

**Invitation for Bids**

**Bid Identification No. C.E. (B) – 06 / 2025-26**

| | | | |
|---|---|---|---|
| 1. | The Chief Engineer (Buildings-II),Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **"Construction of Proposed Zilla Sanskruti Bhawan at Nuapada, Odisha"** as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.06.05.2025 to 17.00 Hours of dt.21.05.2025. |
| 7. | Date of Opening of Bid | : | Dt.22.05.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Chief Engineer (Buildings-II), Odisha, Bhubaneswar

OIPR-34117/11/0089/2526

ଦ୍ରୁତ ଓଡ଼ିଶା ଖବର

ଭୁବନେଶ୍ୱର
୩ ମଇ, ଶନିବାର,
୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥଯାତ୍ରା ପାଇଁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପରାମର୍ଶ

**ପୁରୀ, ୨/୫ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁନ ୨୭ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୫ ତାରିଖରେ ଅନୁଷ୍ଠିତ ହେବ। ସୁନାବେଶ ଜୁଲାଇ ୬ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖରେ ହେବ। ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ। ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଗୁରୁବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି.ପରମେଶ୍ୱରନ ଚଳିତ ରଥଯାତ୍ରାରେ ସମସ୍ତଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ। ପରସ୍ପର ମଧ୍ୟରେ ସମନ୍ୱୟ ରଖି ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ସେ କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା




ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତ ଦେଇଥିଲେ। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ରହିଛି। ଗତବର୍ଷ ର ୫୧ ଖଣ୍ଡ କାଠ ବଳକା ଥିବାରୁ ଆଉ ୮୧୪ ଖଣ୍ଡ କାଠ ଆବଶ୍ୟକ ଥିଲା। ଏହା ମଧ୍ୟରେ ୩୨୬ ଖଣ୍ଡ କାଠ ପହଞ୍ଚିଛି। ଏହି କାଠଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି ବୋଲି ସେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥି ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆୟୁକ୍ତ ପରମେଶ୍ୱରନ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ମାଧ୍ୟମରେ ରଥକାଠର ସ୍ଥିତି, ରାସ୍ତା ଘାଟ ନିର୍ମାଣ ଓ ମରାମତି ସମ୍ପର୍କରେ ଆଲୋଚନା ହୋଇଥିଲା। ପୁରୀ ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ ୟୁନିଟ ଓ ବର୍ଣ୍ଣ ୱାର୍ଡ ଖୋଲିବା, ଡାକ୍ତର ଓ ଅନ୍ୟ କର୍ମଚାରୀ ନିଯୁକ୍ତି, ପରିମଳ ବ୍ୟବସ୍ଥା, ଡ୍ରେନ ମରାମତି ଓ ସଫା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସମ୍ପର୍କରେ ସଦସ୍ୟମାନେ ମତ ଦେଇଥିଲେ। ରେଳ ବିଭାଗ ଟ୍ରେନ ଚଳାଚଳ ସମ୍ପର୍କରେ ସହରର ବିଭିନ୍ନ ଏଲଇଡି ସ୍କ୍ରିନ ମାଧ୍ୟମରେ ସୂଚନା ପ୍ରଦାନ କରିବା, ଆଇନ ଅମାନ୍ୟ କରୁଥିବା ଅଟୋଗୁଡିକର ଧରପଗଡ କରିବା ସମ୍ପର୍କରେ ସଦସ୍ୟମାନେ ମତାମତ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ପ୍ରବୀଣ କୁମାର, ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ବିନୀତ ଅଗ୍ରୱାଲ, ରେଳବାଇ ଏସ୍‌ପି ବିବେକାନନ୍ଦ ଶର୍ମା, ଦେବୋତ୍ତର କମିଶନର ଲଳାଟେନ୍ଦୁ ଜେନା, ଦୂରଦର୍ଶନ ଉପ ମହାନିର୍ଦ୍ଦେଶକ ନରସିଂହ ଜେଠୀ, ଗୃହ ଓ ପୌର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ନିଳକଣ୍ଠ ମିଶ୍ର, ଅଗ୍ନିଶମ ମୁଖ୍ୟ ସେବା ଅଧିକାରୀ ରମେଶ ଚନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରୀମନ୍ଦିର ସେବାୟତ, ବିଶିଷ୍ଟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀ ଆତ୍ମହତ୍ୟା ଘଟଣାରେ କିଟ୍ କର୍ତ୍ତୃପକ୍ଷ ମର୍ମାହତ




**ଭୁବନେଶ୍ୱର, ୨/୫ ନ୍ୟୁଜ ବ୍ୟୁରୋ**

କିଟ୍‌ରେ ଛାତ୍ରୀ ଆତ୍ମହତ୍ୟା ଘଟଣାରେ କିଟ୍ କର୍ତ୍ତୃପକ୍ଷ ଗଭୀର ମର୍ମାହତ ଓ ଦୁଃଖିତ। ଗୁରୁବାର ସନ୍ଧ୍ୟାରେ କିଟ୍ ହଷ୍ଟେଲ୍‌ରେ ଜଣେ ଛାତ୍ରୀ ତାଙ୍କ ରୁମ ଭିତରୁ ଖୋଲୁ ନଥିବା ୱାର୍ଡେନ୍ ଜାଣିବା ପରେ ତୁରନ୍ତ ଇନ୍‌ଫୋସିଟି ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ଉପସ୍ଥିତିରେ କବାଟ ଭଙ୍ଗାଯାଇଥିଲା ଓ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ପୋଲିସ୍ ଉପସ୍ଥିତିରେ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇ ତୁରନ୍ତ କିମ୍‌ସ୍ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପୋଲିସ୍ ମୃତଦେହକୁ ଏମ୍‌ସ୍-ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରିଥିଲେ। ଏହି ଘଟଣାରେ କିଟ୍ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରୀଙ୍କ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ପୋଲିସ୍ ଉଚ୍ଚ ପଦାଧିକାରୀଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। କିଟ୍ କର୍ତ୍ତୃପକ୍ଷ ପୋଲିସ୍‌କୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଛାତ୍ରୀଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଏହି ଦୁଃଖଦ ସମୟରେ ଭଗବାନ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ।

# ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରାଯିବ : ମୁଖ୍ୟମନ୍ତ୍ରୀ

## ପାରାଦୀପରେ ହେବ ନୂଆ ଏୟାରପୋର୍ଟ

**ଭୁବନେଶ୍ୱର, ୨।୫ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ 'ବିମାନ ଚଳାଚଳ ଏବଂ ନେଟୱାର୍କ ନିର୍ମାଣ ପରିଚାଳନା' ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏହି ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନ-ବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା କରିଥିଲେ। ଆଞ୍ଚଳିକ ସଂଯୋଗୀ-କରଣକୁ ବୃଦ୍ଧି କରିବା ପାଇଁ ଜୟପୁର, ରଙ୍ଗେଇଲୁଣ୍ଡା, ଗୋଟମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦା ରୋଡ୍ ଏବଂ ଉତ୍କେଳା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦର ଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏଥିସହିତ ରାଜ୍ୟର ୧୫ଟି ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଏବଂ



ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପ୍‌ରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ରର ବିକାଶ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା ହୋଇଥିଲା। ନୋଡାଲ ଏଜେନ୍ସି ଭାବରେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନ-ବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦର ଗୁଡିକର କାର୍ଯ୍ୟ ଦକ୍ଷତାକୁ ଆହୁରି ବିକାଶ କରିବା ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ।

ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍‌ର ଦକ୍ଷତା ବୃଦ୍ଧି ସହିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହିତ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇପିକଲ୍‌ର ଏମ୍.ଡି ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ୍ ଦେବଦତ୍ତା ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

# ଲଗାତାର ୧୮ ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା

**ଭୁବନେଶ୍ୱର, ୨।୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସମଗ୍ର ଓଡ଼ିଶାରେ ପାସ୍ ହାର ୯୪.୯୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। କିସ୍ ଆରମ୍ଭରୁ ଲଗାତାର ୧୮ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲ୍‌ର ମୋଟ ୧୯୦୦ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ପ୍ରତିଶତ



ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ଖଇରାଣୀ ମାଝୀ ସର୍ବାଧିକ ୫୬୦ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୨୦୧ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି। ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡ. ସାମନ୍ତ କହିଛନ୍ତି କିସ୍‌ର ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବଂଶର ପ୍ରଥମ ପିଢ଼ି। କିସ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ସେମାନଙ୍କ ମୂଳଦୁଆକୁ ଦୃଢ଼ କରିପାରିଛି। ସେଥିପାଇଁ ପ୍ରତିବର୍ଷ କିସ୍ ଏହି ସଫଳତା ପାଇପାରୁଛି ବୋଲି ଡ. ସାମନ୍ତ କହିଛନ୍ତି। ଏଥିପାଇଁ ଡ. ସାମନ୍ତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସୃଷ୍ଟିଧର ପରିଡ଼ାଙ୍କ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ

**ଭୁବନେଶ୍ୱର, ୧।୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଦ୍ୟ ପ୍ରକାଶିତ ନୂତନ ଗଳ୍ପ ସଂକଳନ 'ମୁଠାଏ ସ୍ୱପ୍ନ' ପୁସ୍ତକକୁ ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି।

ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେଖକ ଶ୍ରୀ ପରିଡ଼ା 'ମୁଠାଏ ସ୍ୱପ୍ନ' ପୁସ୍ତକ ରଚନାର ପୃଷ୍ଠଭୂମି ଏବଂ ସାମ୍ପ୍ରତିକ ସମାଜିକ-




ରାଜନୈତିକ ଅବସ୍ଥାରେ ପ୍ରଭାବିତ ସାହିତ୍ୟର ବାସ୍ତବ ସ୍ଥିତି ବାବଦରେ ଆଲୋକପାତ କରିଥିଲେ। ସାହିତ୍ୟ ଓ ସାମ୍ବାଦିକତାର ସମ୍ମିଶ୍ରଣରେ ସୃଷ୍ଟ ଉନ୍ନତ ସାହିତ୍ୟ ବର୍ତ୍ତମାନ ସମାଜକୁ ଠିକଣା ବାଟ ଦେଖାଇ ପାରିବ ବୋଲି ସେ ମତ ରଖିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ପରିଡ଼ାଙ୍କ ସାହିତ୍ୟ ସାଧନା ଅଧିକ ସମୃଦ୍ଧ, ଶାଣିତ ଏବଂ ବିକଶିତ ହେଉ ବୋଲି କାମନା କରିବା ସହ ଓଡ଼ିଶାର ଜନ ଜୀବନକୁ ଉନ୍ନତ କରିବାରେ ତାଙ୍କର ସୃଜନାତ୍ମକ ସୃଷ୍ଟି ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବ୍ଲକ ଓ ଗ୍ରାମାଞ୍ଚଳରେ ପାଠାଗାର ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ରହିଥିବାରୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଏହି ଉତ୍ସବରେ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିମଳ ଭଞ୍ଜଦେଓ, ବିବେକାନନ୍ଦ ଜେନା, ବିଜୟ ପଣ୍ଡା, ସର୍ବେଶ୍ୱର ବର୍ଦ୍ଧନ, ମହେଶ୍ୱର ରଥ, ସନତ ମିଶ୍ର, ଦେବକାନ୍ତ ମହାପାତ୍ର, ପାର୍ଥସାରଥୀ ଜେନା, ପ୍ରିୟରଞ୍ଜନ ସାହୁ, ମାଧବାନନ୍ଦ ବେହୁରା, ବିଭୂତି ଭୂଷଣ କର, କିଶୋର ମଙ୍ଗରାଜ, ସନାତନ ଦଳବେହେରା, ବଳରାମ ପ୍ରସାଦ ନନ୍ଦ, ଉମେଶ ରାୟ, ବିଶ୍ୱଜିତ ଜେନା, ଉମେଶ ସାମନ୍ତରାୟ, ମନୋଜ ବେହେରା, ସୁକାନ୍ତ ମହାନ୍ତି, ଗିରିଧାରୀଲାଲ ଷଡ଼ଙ୍ଗୀଙ୍କ ସମେତ ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

## ଦୀଘା ଦିଅଁଙ୍କୁ ନେଇ ବଢ଼ିଲା ବିବାଦ

# ଶ୍ରୀକ୍ଷେତ୍ର ଛଡ଼ା ଆଉ କେଉଁଠି ହୋଇପାରିବନି ବ୍ରହ୍ମ ପ୍ରତିଷ୍ଠା

**ଭୁବନେଶ୍ୱର, ୨/୫ ନ୍ୟୁଜ ବ୍ୟୁରୋ**

ଦୀଘା ଦିଅଁଙ୍କୁ ନେଇ ବଢ଼ିଲା ବିବାଦ। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଲେ ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଉଛି। ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ବିଶ୍ୱର ଠାକୁର। ଗତ ୩୦ ତାରିଖରେ ପଶ୍ଚିମବଙ୍ଗ ଦୀଘା ଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି। କିନ୍ତୁ ସେଠାରେ ପଥର ମୂର୍ତ୍ତି ସ୍ଥାପିତ କରାଯାଇ ଥିବା ବେଳେ ଏହାକୁ ମୁଁ ବିରୋଧ କରିଥିଲି। ଏଣୁ ପୁରୀରୁ ନିମ୍ବ କାଠରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା, ପ୍ରଭୁ ସୁଦର୍ଶନଙ୍କ ସହିତ ମାଧବଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହି ମୂର୍ତ୍ତିକୁ ଆମେ ଦୀଘା ଜଗନ୍ନାଥ ମନ୍ଦିରରେ ଗତ ଅକ୍ଷୟ ତୃତୀୟା ଦିନ ପ୍ରତିଷ୍ଠା କରିଥିଲୁ। ସେହିପରି ଜଗନ୍ନାଥ



ଧାମ ହେଉଛି ଗୋଟିଏ ଧାମ ଯାହାକି ଶ୍ରୀକ୍ଷେତ୍ର ଧାମକୁ ହିଁ ବୁଝାଏ। ପ୍ରତିଟି ଜଗନ୍ନାଥ ପ୍ରେମୀ ଜଗନ୍ନାଥ ଧାମ କହିଲେ ଶ୍ରୀକ୍ଷେତ୍ରକୁ ହିଁ ଜାଣନ୍ତି। ଏଣୁ ଦୀଘା ଠାରେ ଜଗନ୍ନାଥ ଧାମ ଲେଖାଯିବା ଉଚିତ୍ ନୁହେଁ। ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ମାଧ୍ୟମରେ ଏନେଇ ମୁଁ ଅବଗତ କରାଇବି ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ରଖିଛନ୍ତି ରାମକୃଷ୍ଣ। ଏଥିପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରି ଜଗନ୍ନାଥ ଧାମ ନାମ ଲେଖାକୁ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନିଅନ୍ତୁ। ତେବେ ବ୍ରହ୍ମ ସ୍ଥାପନ କଥା ମୁଁ ଆଦୌ କହିନାହିଁ ବୋଲି ରାମକୃଷ୍ଣ ଦାସମହାପାତ୍ର ସ୍ପଷ୍ଟ କରିଛନ୍ତି। କୌଣସି ଗଣମାଧ୍ୟମରେ ଏନେଇ ମୁଁ ପ୍ରତିକ୍ରିୟା ରଖି ନାହିଁ। ସମ୍ପୂର୍ଣ୍ଣ ଭୁଲ୍ ଖବର ପ୍ରସାରଣ କରାଯାଇଛି। କାରଣ ବ୍ରହ୍ମ ହେଉଛି ଏକ ଆଉ ସବୁ ନାସ୍ତି। ଏଣୁ ବ୍ରହ୍ମ ବିଷୟରେ ଆଲୋଚନା କରିବା ହେଉଛି ମହାପାପ। ଜଗନ୍ନାଥ ମହାପ୍ରଭୁଙ୍କୁ ନେଇ ରାଜନୀତି କରିବା ଉଚିତ ନୁହେଁ। ଯଦି ମହାପ୍ରଭୁଙ୍କୁ ନେଇ କିଏ ରାଜନୀତି କରିବ ତେବେ ତା'କୁ ମହାପ୍ରଭୁ କେବେ ହେଲେ କ୍ଷମା ଦେବେ ନାହିଁ। ଦୀଘା ଜଗନ୍ନାଥ ମନ୍ଦିରରେ ଓଡ଼ିଶା ଓ ପଶ୍ଚିମବଙ୍ଗ ବ୍ରାହ୍ମଣ ପୂଜାର୍ଚ୍ଚନା କରୁଛନ୍ତି। ଅଦିନିଆ ରଥଯାତ୍ରାକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି। ସେହିପରି ଦୀଘା ଜଗନ୍ନାଥ ମନ୍ଦିର ନିକଟରୁ ଜଗନ୍ନାଥ ଧାମ ସେଲ୍ଫି ପଏଣ୍ଟକୁ ଉଠାଇ ନେଇଛି ପ୍ରଶାସନ।

# ୧୦ ମାସ ପରେ ମା'କୋଳକୁ ଫେରିଲା ୩ବର୍ଷର ଶିଶୁ ପୁତ୍ର

**ଭଦ୍ରକ, ୨/୫ ନ୍ୟୁଜ ବ୍ୟୁରୋ**

ଅପହରଣର ୧୦ ମାସ ପରେ ମା'କୋଳକୁ ଫେରିଲା ଅପହୃତ ୩ବର୍ଷର ଶିଶୁ ପୁତ୍ର। ସ୍ୱାମୀର ମୃତ୍ୟୁ ପରେ ନେଇ ଯାଇଥିଲେ ଶ୍ୱଶୁର ଘର ଲୋକେ। ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ସୋରୋ ଗ୍ରାମର ସୁମିତା ଜେନା ୨୦୨୧ରେ ସରସଦା ଗ୍ରାମର ସୌମ୍ୟରଞ୍ଜନ ଜେନାଙ୍କୁ ବିବାହ କରିଥିଲେ ।

ଶିଶୁପୁତ୍ର ହେବା ପରେ ପରେ ସେପ୍ଟେମ୍ବର ୨୦୨୩ରେ ଏକ ସଡ଼କ ଦୁର୍ଘଟଣାରେ ସୌମ୍ୟ ପ୍ରାଣ ହରାଇଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସୁମିତା ନିଜ ବାପ ଘରେ ରହୁଥିବାବେଳେ ଜୁନ ୨୦୨୪ରେ ସୁମିତାଙ୍କ ଶ୍ୱଶୁର ଘର ଲୋକ ସେଠାରେ ପହଞ୍ଚି ଚଞ୍ଚକତା କରି ପିଲାଟିକୁ ଅପହରଣ କରିନେଇଥିଲେ। ଘଟଣାକୁ ନେଇ ସୁମିତା ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା ରୁଜୁ କରିଥିଲେ। ତେବେ ମାମଲା ରୁଜୁ ହେବାର ୧୦ମାସ ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଶିଶୁଟିକୁ ପୋଲିସ ଉଦ୍ଧାର କରିବା ସହ ଶିଶୁକୁ ନିଜ ମା'କୁ ହସ୍ତାନ୍ତର କରିଛି। ତେବେ ଘଟଣାକୁ ନେଇ ୪ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବାବେଳେ ଜଣଙ୍କୁ ପୋଲିସ ଅଟକ ରଖିଥିବା ଭଦ୍ରକ ଏସପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି ସମିତ ମାଝୀ। ଅନ୍ୟପଟେ ୧୦ ମାସ ପରେ ନିଜ କୋଳରେ ଜନ୍ମିତ ଶିଶୁକୁ ପାଇ ବେଶ୍ ଖୁସି ଅନୁଭବ କରିଛନ୍ତି ସୁମିତା।

# ଆମ ପ୍ରଭୁ କାହାର ଗର୍ବ ଅହଂକାର ସହନ୍ତି ନାହିଁ : ଉପ ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର ୨।୫ ନ୍ୟୁଜ ପ୍ୟୁରୋ**

ପଶ୍ଚିମବଙ୍ଗ ଦୀଘାରେ ଜଗନ୍ନାଥ ମନ୍ଦିର ବିବାଦ ଥମିବାର ନାଁ ନେଉନାହିଁ। ଦିନକୁ ଦିନ ତୀବ୍ର ବିରୋଧ ହେବାରେ ଲାଗିଛି । ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଦୀଘାରେ ୨୦ ଏକର ଜାଗାରେ ୨୫୦ କୋଟି ଟଙ୍କା ବ୍ୟୟବରାଦରେ ଜଗନ୍ନାଥ ମନ୍ଦିର ପଶ୍ଚିମବଙ୍ଗ ସରକାର ନିର୍ମାଣ କରି ପବିତ୍ର ଅକ୍ଷୟତୃତୀୟାରେ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଓ ପୁରୀ




ଦଇତାପତି । ପୁରୀରେ ଦୁଇଟି ନିଯୋଗ ପକ୍ଷରୁ କଟକଣା ପରେ ଦଇତାପତି ଆସି ଦୀଘା ଜଗନ୍ନାଥ ମନ୍ଦିରରେ ଯୋଗଦେବା ନେଇ ସାରା ବିଶ୍ୱରେ ଜଗନ୍ନାଥ ପ୍ରେମୀମାନଙ୍କ ମନକୁ ଆଘାତ ଦେଇଛି। ଏହାକୁ ନେଇ ଧୀରେ ଧୀରେ ବିବାଦ ବଢୁଥିବା ବେଳେ ଭୋଗରାଇ ଗସ୍ତରେ ଆସିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ପ୍ରତିକ୍ରିୟା ରଖି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକଛତ୍ରବାଦ ଶାସନରେ ଗର୍ବ ଅହଂକାର ବଢ଼ିଯାଏ। ଆମ ପ୍ରଭୁ କାହାର ଗର୍ବ ଅହଂକାର ସହନ୍ତି ନାହିଁ। ସମୟ କହିବ ଆମ ପ୍ରଭୁ ବଡ଼ ନା ଅହଂକାର ବଡ଼ ।

## ପ୍ରକାଶ ପାଇବାକୁ ଯାଉଛି...


'କଥାକଳିକା'ର ମେ'-୨୦୨୫ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଭାସ୍କର ଜେନା
**ସମକାଳର କଥା :** ରୁମ୍‌ଝୁମ୍ ନାୟକ, ପ୍ରଣିତା ରାଣୀ ବେହେରା, ସୁଷମା ପରିଜା, ଚକ୍ରଧର ସାହୁ, ସୁକାନ୍ତି ରାଉତ, ସଚ୍ଚିଦାନନ୍ଦ କର, ଆନନ୍ଦ କୁମାର ମାଇତି, କାଳିକିଙ୍କର, ପଦ୍ମାଳୟା ପାଢ଼ୀ।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ନାଥ ପଟ୍ଟନାୟକ।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ଚନ୍ଦ୍ରକଳା ନାୟକ, ସଂଯୁକ୍ତା ତ୍ରିପାଠୀ, ଅଶୋକ କୁମାର ମିଶ୍ର, ସୁନନ୍ଦା ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)


# ମେଟ୍ରୋ ପାଇଁ ପ୍ରସ୍ତୁତ ଡିପିଆର : ତ୍ରିଶୁଳିଆ ପରିବର୍ତ୍ତେ ଏସସିବି ପର୍ଯ୍ୟନ୍ତ ଗଡିବ ମେଟ୍ରୋ

**ଭୁବନେଶ୍ୱର, ୨।୫ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ସରକାର ପ୍ରସ୍ତୁତି କରୁଛନ୍ତି ନୂଆ ଡିପିଆର । ଏଥିରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ବସଷ୍ଟାଣ୍ଡ ଓ କଟକ ବଡ଼ ମେଡିକାଲ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ ମେଟ୍ରୋ ପ୍ରକଳ୍ପ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

ଭୁବନେଶ୍ୱର ବିମାନ ବନ୍ଦରରୁ ଜୟଦେବ ବିହାର, ନନ୍ଦନକାନନ ଦେଇ ତ୍ରିଶୁଳିଆ ପରିବର୍ତ୍ତେ କଟକ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ମେଟ୍ରୋ ଚାଲିବ ବୋଲି ନିଷ୍ପତ୍ତି ନେଇଥିଲେ ନୂଆ ସରକାର। ଏବେ ପୁଣି ସେଥିରେ କଟକ ବଡ଼ ମେଡିକାଲ ଯୋଡି ହୋଇଛି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମେଟ୍ରୋ ପ୍ରକଳ୍ପ କେଉଁ ପଟ ଦେଇ କେଉଁଠିକି ଗଡିବ ତା'ପାଇଁ ଏକ କମିଟି ଗଠନ କରାଯାଇଛି। ସେହି କମିଟି ଦେଶରେ



ମେଟ୍ରୋ ଚାଲୁଥିବା ବିଭିନ୍ନ ସହର ବୁଲି ଅନୁଧ୍ୟାନ କରୁଛି। ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ କରାଯାଉଛି। କେବଳ ରାଜ୍ୟ ପାଣ୍ଠିରୁ ନୁହେଁ, କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପ ତିଆରି ହେବ ବୋଲି ମନ୍ତ୍ରୀ କହିଛନ୍ତି। ମେଟ୍ରୋ ପ୍ରକଳ୍ପ କିଭଳି ଫିଜିବୁଲ ହେବ ଏବଂ ଅଧିକ ଲୋକ ଏହାକୁ ବ୍ୟବହାର କରିପାରିବେ ତା'ପାଇଁ ସ୍ୱତନ୍ତ୍ର କମିଟି ଅନୁଧ୍ୟାନ କରୁଛି। ଏହାସହ ପୁରୀ, ଭୁବନେଶ୍ୱର ଓ କଟକର କେଉଁ ପ୍ରମୁଖ ସ୍ଥାନ ମେଟ୍ରୋ ମ୍ୟାପ୍‌ରେ ଯୋଡ଼ି ହେବ ସେନେଇ ବି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏଥିରେ ପୂର୍ତ୍ତ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହ ମେଟ୍ରୋ ପ୍ରକଳ୍ପକୁ ସହଯୋଗ କରୁଥିବା ସବୁ ବିଭାଗକୁ ନେଇ ନୂଆ ଡିପିଆର ପ୍ରସ୍ତୁତ ହେଉଛି। ଏକ୍ସପର୍ଟ କମିଟି ଖୁବ୍ ଶୀଘ୍ର ତଦନ୍ତ ସାରି ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି ମନ୍ତ୍ରୀ।

ମେଟ୍ରୋ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପ ବଦ୍ଧ। ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତା ତିନି ଥାକିଆ ହେବ। ଉପରେ ମେଟ୍ରୋ ଯିବ। ତଳେ ରାସ୍ତାରେ ଗାଡ଼ି ଯିବ। ଏଯାଏଁ ମେଟ୍ରୋ ପ୍ରକଳ୍ପ ପାଇଁ ପୂର୍ବ ସରକାରରେ ୩୧୩ କୋଟି ଟଙ୍କା ଖର୍ଚ୍ଚ ସରିଛି। ପୂର୍ବ ଡିପିଆର ଅନୁଯାୟୀ ପ୍ରକଳ୍ପ କାମ ୨୦୨୩ ଠାରୁ ଆରମ୍ଭ ହୋଇଯାଇଛି। ଏହା ୪ ବର୍ଷ ମଧ୍ୟରେ ସରିବାର କାର୍ଯ୍ୟ ଥିଲା। ଏବେ ନୂଆ ଡିପିଆର ଆସିବା ପରେ ତାହା କେତେ ସମୟ ମଧ୍ୟରେ ସରିବ ଓ କେବେ ଆରମ୍ଭ ହେବ ତାହା ଖୁବ୍‌ଶୀଘ୍ର ବିଭାଗ ପ୍ରକାଶ କରିବ ବୋଲି ମନ୍ତ୍ରୀ କହିଛନ୍ତି।